Odia Daily

www.theutkalsamachar.com

ଉତ୍କଳ ସମାଚାର

ଦୈନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

✦Vol - 19✦ Issue No:316✦21 March 2024 (Thursday) ✦ Rourkela ✦ Rs.2.00 ✦ Page -1 ✦୧୯ ବର୍ଷ ✦ସଂଖ୍ୟା -୩୧୬✦୨୧ ମାର୍ଚ୍ଚ ୨୦୨୪ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ବିଜେଡି ଓ ବିଜେପିର ମୁଖା ଖୋଲିବ ନିର୍ବାଚନୀ ବଣ୍ଡ

କଂଗ୍ରେସ ପକ୍ଷରୁ ବିଶ୍ୱନାଥପୁରଠାରେ ସାମ୍ବାଦିକ ସମ୍ମିଳନୀ

ଲାଞ୍ଜିଗଡ, ୨୦/୩ (ନି/ପ୍ର): ଓଡ଼ିଶାର ବିଜେଡି ସରକାର ଓ କେନ୍ଦ୍ରର ବିଜେପି ସରକାର ରାଜ୍ୟ ତଥା ଦେଶକୁ ଲୁଟୁଛନ୍ତି । ଦୁର୍ନୀତିରେ ବୁଡ଼ି ରହିଛନ୍ତି ଉଭୟ ସରକାର । ରାଜ୍ୟରେ ୨୪ ବର୍ଷର ଶାସନ କାଳରେ ନବୀନ ବାବୁ ଓଡ଼ିଶାକୁ ଚଳିଚାଲ କରିଛନ୍ତି । ରାଜ୍ୟବାସୀଙ୍କୁ ସେ ଧୋକା ପରେ ଧୋକା ଦେଇ ଚାଲିଛନ୍ତି । ଓଡ଼ିଶାର ଜନସାଧାରଣଙ୍କ ନବୀନ ବାବୁଙ୍କ କାରସାଦି ଓ କାଳିଆତି ବୁଝି ଗଲେଣି । ଅବୈଧ ବଣ୍ଟୁ କରିଥିବାର ବିଜିନୁ କମ୍ପାନୀଠାରୁ ଆଙ୍ଗଳିକ ଦଳ ଭାବେ ବିଜେଡି ସବୁଠୁ ଅଧିକ ଦଳୀୟ ପାଣ୍ଠି ଆଦାୟ କରିଛି । ଏହା ସୂଚିତ କରୁଛି ନବୀନ ବାବୁ ରାଜ୍ୟକୁ ଲୁଟିବା ପାଇଁ ସଂପୃକ୍ତ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇ ଆସୁଛନ୍ତି । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଶାସକ ଦଳର ଅସଲି ଚିତ୍ର ଓ ଚରିତ୍ର ସାମ୍ନାକୁ ଆସିବ ବୋଲି କଳାହାଣ୍ଡି ଜିଲ୍ଲା କଂଗ୍ରେସ ମିଡିଆ ସେଲ୍ ଅଧକ୍ଷ ମୁରଲୀଧର ନାଏକ କହିଛନ୍ତି । ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାଏକ କହିଛନ୍ତି ଯେ, ରାଜ୍ୟରେ ଚିଟ୍‌ଫଣ୍ଡ ମହାଦୁର୍ନୀତି ଓ ଖଣି ଦୁର୍ନୀତିରେ ସଂପୃକ୍ତ ରାଜ୍ୟସରକାରଙ୍କୁ ଘଟ ଘୋଡ଼ାଉଛନ୍ତି କେନ୍ଦ୍ର ସରକାର । ନିର୍ଦ୍ଦିଷ୍ଟ ରାଜନେତା ଓ ବ୍ୟକ୍ତିବିଶେଷଙ୍କ ଉପରେ ଇଡି, ସିବିଆଇ ଓ ଆଇଟି ତଡ଼ାଳ କରିଥିବାବେଳେ କୋଟିକୋଟି ଟଙ୍କାର ମହାଦୁର୍ନୀତିରେ ସଂପୃକ୍ତ ନବୀନ ସରକାରଙ୍କୁ ମୋଦୀ ସରକାର କାହିଁକି ଘଟ ଘୋଡାଉଛନ୍ତି ଓ ଏହା ପଛର ଅସଲି ଉଦ୍ଦେଶ୍ୟ କ'ଣ ତାହା ରାଜ୍ୟବାସୀଙ୍କୁ ଆଉ ଅଜଣା ଓ ଅଛପା ନାହିଁ । ବାସ୍ତବତା ହେଉଛି ରାଜ୍ୟର କୃଷକ, ମହିଳା, ଯୁବକ ଓ ଛାତ୍ର ବିଶ୍ୱାହୀନ ହୋଇପଡ଼ିଛନ୍ତି । ତଥାପି ନବୀନ ବାବୁ କ୍ଷମତାରେ ରହିବା ପାଇଁ ବିଳମ୍ବ ହୋଇ ଚିଠିର ଆଣ୍ଡା ଦେଇଛନ୍ତି, ଯାହା ଦୁଃଖ ଓ ପରିତାପର ବିଷୟ । ରାଜ୍ୟର ଲକ୍ଷ ଲକ୍ଷ ବେକାର ଯୁବକ ଯୁବତୀ ଜାମଧାରା ନପାଇ ବାହାର ରାଜ୍ୟକୁ ବାବନ ଖଟିବାକୁ ଯାଇ ଅକଅନୀୟ ଅତ୍ୟାଚାରର ଶିକାର ହେଉଥିବାବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କ ଜୀବନ ଯାଉଛି ବୋଲି ଶ୍ରୀ ନାଏକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଲାଞ୍ଜିଗଡ ବ୍ଲକ ଅଧକ୍ଷ ତଥା କଂଗ୍ରେସର ବରିଷ୍ଠ ନେତା ଙ୍କ ଫକୀର ମୋହନ ମାଝୀ କହିଛନ୍ତି ଯେ, ଖଣିଜ ସମ୍ପଦରେ ସମୃଦ୍ଧ ଆମ କଳାହାଣ୍ଡି ତଥା ଓଡ଼ିଶାକୁ ଅଣଓଡ଼ିଆଙ୍କ ହାତରେ ବେଚିଦେବା ପାଇଁ ବିଜୁ ଜନତା ଦଳ ତତପରୁ ଅହରହ ଉଦ୍ୟମ ଚାଲିଛି । ରାଜ୍ୟରେ ଖଣି, ପାଣି, ଜଙ୍ଗଲ ଜମିକୁ ଦିନ ଦ୍ୱିପ୍ରହରରେ ଅଣଓଡ଼ିଆମାନେ ଲୁଟ କରିଚାଲିଥିବା ବେଳେ ନବୀନ ବାବୁ ସେମାନଙ୍କ ସାଥ ଦେଇ ଓଡ଼ିଶାର ଅସ୍ତିତ୍ୱକୁ ଲୁପ୍ତକରି କରି ଚାଲିଛନ୍ତି । କଳାହାଣ୍ଡିର ହଜାର ହଜାର ଯୁବକ ଯୁବତୀ କେରଳ, ତାମିଲନାଡୁ, ଗୁଜରାଟ, ଆନ୍ଧ୍ରପ୍ରଦେଶ ଆଦି ବାହାର ରାଜ୍ୟକୁ ଦାବନ ଖଟିବା ପାଇଁ ଯାଉଛନ୍ତି । କୃଷକ ଏଠି ନ୍ୟାୟ ପାଇବାରୁ ବଂଚିତ, ମହିଳା ଏଠାରେ ଅସୁରକ୍ଷିତ, ନାରୀ ନିର୍ଯାତନା ଓ ମହିଳା ଚାଲାଣରେ ଓଡ଼ିଶା ଏକନମ୍ବର ସ୍ଥାନରେ ରହିଛି ବୋଲି ଙ୍କ ମାଝୀ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଲାଞ୍ଜିଗଡ ବ୍ଲକ କଂଗ୍ରେସ କମିଟି ସଭାପତି ବିଜୟ ନାଏକ କହିଛନ୍ତି ଯେ, ଖଣି ଓଡ଼ିଆ କହୁଥିବା ମୁଖ୍ୟମନ୍ତ୍ରୀ ୨୪ ବର୍ଷଧରି ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି ।

ଝାରପଡ଼ା ଜେଲରେ ରେଡ୍

୬ ଜଣ ଏସପି ସାମିଲ

ଭୁବନେଶ୍ୱର, ୨୦/୩ (ନି/ପ୍ର): ଝାରପଡ଼ା ଜେଲରେ କମିଶନରେଟ ପୋଲିସର ରେଡ୍ । ଜେଲରେ ଗ୍ୟାଙ୍ଗଷ୍ଟାର ପରେ ଡସିପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଏହି ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ୬ ଜଣ ଏସପି ମଧ୍ୟ ସାମିଲ ଥିଲେ । ଜେଲର ପ୍ରତ୍ୟେକ ସେଲରେ ଚଢ଼ାଉ ଟିମର ଛାନଭିନ୍ ଜାରି ରହିଛି । ସୂତ୍ରରୁ ପ୍ରକାଶ ନିକଟରେ ଭୁବନେଶ୍ୱର ସ୍ଥିତ ଝାରପଡ଼ା ଜେଲରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା । ଏଥିରେ ୪ ଜଣ ବିଚାରାଧୀନ କୟଦୀ ଗୁରୁତର ହୋଇଥିଲେ । ଗୁରୁତରମାନଙ୍କୁ ପ୍ରଥମେ ଜେଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଜ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ଜେଲ ଭିତରେ ଅବାଧ ନିଶା କାରବାରକୁ ନେଇ ଏହି ସଂଘର୍ଷ ଘଟିଥିଲା ।

ସାରା ରାଜ୍ୟରେ ଜାରି ରହିଛି ଝଡ଼ି ବର୍ଷା

ଆଗାମୀ ୨୪ ଘଣ୍ଟାରେ ଆହୁରି ବର୍ଷିବ

ଭୁବନେଶ୍ୱର, ୨୦/୩ (ନି/ପ୍ର): ସାରା ରାଜ୍ୟରେ ଜାରି ରହିଛି ଝଡ଼ି ବର୍ଷା । ଗତକାଲିଠାରୁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିଛି । ବାୟୁମଣ୍ଡଳର ମଧ୍ୟ ଏବଂ ଉପରିଭାଗରେ ପଶ୍ଚିମାବାୟୁ ସ୍ରୋତରେ ସୃଷ୍ଟିହୋଇଥିବା ନିମ୍ନଚାପ ରେଖା ଯୋଗୁ ବର୍ଷା ଲାଗିରହିଛି । ଏହାସହ ବାୟୁମଣ୍ଡଳର ମଧ୍ୟ ଏବଂ ଉପରିଭାଗରେ ସୃଷ୍ଟିହୋଇଥିବା ନିମ୍ନଚାପ ରେଖା ସହ ଜଡିତ ପଶ୍ଚିମା-ଶୃଷ୍ଟବାୟୁ ସହ ବଙ୍ଗୋପସାଗର ଅଂଚଳରୁ ଗୁରୁତାପ ବଳୟ ପ୍ରଭାବରେ ରାଜ୍ୟମଧ୍ୟରୁ ପ୍ରବେଶ କରୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପରସ୍ପର ସଂଘର୍ଷରେ ଆସି ପ୍ରତିକ୍ରିୟାଶୀଳ ପରିସ୍ଥିତି ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା, କୁଆପଥର, ଝଡପବନ ତଥା ଭାରିବର୍ଷା ଲାଗିରହିଛି । ବିଶେଷ କରି ଆଜି ଉପକୂଳ ଓଡ଼ିଶାର ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ପୁରୀ, କଟକ, ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଂଚଳ ସହ ଟ୍ୱିନ ସିଟି ଭୁବନେଶ୍ୱର ଏବଂ କଟକରେ ପାହାଡିଆ ସମୟରୁ ଲାଗିରହିଛି ଝଡ଼ିବର୍ଷା । ଆଗାମୀ ୨୪ ଘଣ୍ଟାରେ ଏହିସବୁ ଜିଲ୍ଲାରେ ବର୍ଷର ମାତ୍ରା ଅଧିକ ରହିବ । ଏନେଇ ପାଣିପାଗ ବୈଜ୍ଞାନିକ ଜମାଶଙ୍କର ଦାସ ସୂଚନାର ଦେଇଛନ୍ତି । ଆସନ୍ତା ୨୪ ଘଣ୍ଟାରେ ଭାରି ବର୍ଷା ପାଇଁ ଯାଜପୁର , କଟକ , ନୟାଗଡ , ଦେଓଗଡ ଓ ଢେଙ୍କାନାଳ ଏହି ଜିଲ୍ଲାଗୁଡିକରେ ଭାରି ବର୍ଷା ପାଇଁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଏହାସହ ଭାରି ବର୍ଷା ପାଇଁ ଗଂଜାମ, ଗଜପତି, ରାୟଗଡା ,ପୁରୀ ଅନୁଗୁଳ , ଦେଓଗଡ , କଟକ ,ଖୋର୍ଦ୍ଧା ,ନୟାଗଡ, ଢେଙ୍କାନାଳ ଯାଜପୁର ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି

ନବୀନ ନିବାସରେ କୋରାପୁଟ ଆସନ ସମୀକ୍ଷା

ଭୁବନେଶ୍ୱର, ୨୦/୩ (ନି/ପ୍ର): ନବୀନ ନିବାସରେ କୋରାପୁଟ ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ସମୀକ୍ଷା ବୈଠକ ବସିଛି । ଏଥିରେ କୋରାପୁଟ ପର୍ଯ୍ୟବେକ୍ଷକ ଦିବ୍ୟଶଙ୍କର ମିଶ୍ର, ରାୟଗଡା ପର୍ଯ୍ୟବେକ୍ଷକ ଅତନୁ ସତ୍ୟସାରୀ ନାୟକ, ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ରହିଛନ୍ତି । କୋରାପୁଟ ଲୋକସଭା ଅଧୀନରେ କୋରାପୁଟ, ଲକ୍ଷ୍ମୀପୁର, ଜୟପୁର, ପଟାଙ୍ଗୀ, ରାୟଗଡା, ଗୁଣ୍ଡୁପୁର ଓ ବିଷମକଟକ ବିଧାନସଭା କ୍ଷେତ୍ର ରହିଛି । ଏହି ନିର୍ବାଚନ ମଣ୍ଡଳୀରେ ବିଜୟ ଲାଗି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ନେତାଙ୍କ ସହ ଆଲୋଚନା କରିବେ ।

ଆମେ ଏକାଠି ଲଢ଼ିବୁ ! : ଅମିତ ଶାହ

ମେଟଂକୁ ନେଇ କିଛି ବି ହୋଇପାରେ

ନୂଆଦିଲ୍ଲୀ, ୨୦/୩: ଓଡ଼ିଶାରେ ବିଜେଡି ଓ ବିଜେପି ଏକାଠୀ ନିର୍ବାଚନ ଲଢ଼ିବେ କି ମେଟଂ ହେବ, ସେ ନେଇ ଗତ ୨ ମାସ ହେବ ଆଲୋଚନା ପର୍ଯ୍ୟାଲୋଚନା ଲାଗି ରହିଥିବା ବେଳେ, ଆଜି ବିଜେପିର ବରିଷ୍ଠ ନେତା ତଥା ଗୃହ ମନ୍ତ୍ରୀ ଅମିତ ଶାହ ମେଟଂ ଗଠନ ହେବା ନେଇ ବଡ ବୟାନ ଦେଇଛନ୍ତି । ଆଜି ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ଶାହ କହିଛନ୍ତି ଯେ ମେଟଂକୁ ନେଇ କିଛି କି ହୋଇପାରେ । ବିଜେଡି ସହ ମେଟଂ ପ୍ରସଙ୍ଗରେ ସେ କହିଛନ୍ତି, କିଛି କି ହୋଇପାରେ । ମେଟଂ ହେବ କି ନ ହେବ ସେ ନେଇ ରାଷ୍ଟ୍ରୀୟ ଅଧକ୍ଷ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଶ୍ରୀ ଶାହ କହିଛନ୍ତି । ସେ କହିଛନ୍ତି, ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ବିଜେପି ଅଧିକ ଆସନ ହାସଲ

ଭୂକମ୍ପରେ ଥରିଲା ପାକିସ୍ତାନ

ନୂଆଦିଲ୍ଲୀ, ୨୦/୩: ଥରିଲା ପାକିସ୍ତାନ । ପଶ୍ଚିମ ପାକିସ୍ତାନରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୫ ରେକର୍ଡ ହୋଇଛି । ପାକିସ୍ତାନ ଆଫଗାନିସ୍ତାନ ସୀମା ନିକଟରେ ଭୂକମ୍ପର କେନ୍ଦ୍ରସ୍ଥଳୀ ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିନାହିଁ ।

ଆବଶ୍ୟକ

ଉତ୍କଳ ସମାଚାର

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ 'ଉତ୍କଳ ସମାଚାର' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com

ବିଜେପିରେ ସାମିଲ ହେଲେ ତେଲେଙ୍ଗାନାର ପୂର୍ବତନ ରାଜ୍ୟପାଳ

ନୂଆଦିଲ୍ଲୀ, ୨୦/୩: ବୁଧବାର ତେଲେଙ୍ଗାନାର ପୂର୍ବତନ ରାଜ୍ୟପାଳ ତମିଲିସାଇ ସୁନ୍ଦରରାଜନ ବିଜେପିରେ ସାମିଲ ହୋଇଛନ୍ତି । ଚେନ୍ନାଇ ସ୍ଥିତ ବଜର ମୁଖ୍ୟାଳୟ 'କମଲାଲୟମ୍'ରେ ତାମିଲନାଡୁ ବିଜେପି ସଭାପତି କେ. ଅନ୍ନାମଲାଇ ତାଙ୍କୁ ସଦସ୍ୟତା କାର୍ଡ ଦେଇଥିଲେ । ସେମାବାର ତେଲେଙ୍ଗାନା ଏବଂ ପୁଦୁଚେରୀର ରାଜ୍ୟପାଳ ପଦବୀରୁ ଇସ୍ତଫା ଦେଇଥିଲେ ତମିଲିସାଇ ସୁନ୍ଦରରାଜନ । ଏନେଇ ଏଏନଆଇ 'ଏକ୍ସ'ରେ ଏକ ଭିଡ଼ିଓ ଶେୟାର କରିଛି । ବିଜେପିରେ ସାମିଲ ହେବା ପରେ ତେଲେଙ୍ଗାନାର ପୂର୍ବତନ ରାଜ୍ୟପାଳ ତମିଲିସାଇ ସୁନ୍ଦରରାଜନ କହିଥିଲେ, 'ରାଜନୀତିକୁ ଫେରିବା କୌଣସି କୁଆ ନୁହେଁ । ମୁଁ ଲୋକଙ୍କ ସେବା କରିବାକୁ ଚାହୁଁଛି । ନରେନ୍ଦ୍ର ମୋଦୀ ପୁଣି ଥରେ ପ୍ରଧାନମନ୍ତ୍ରୀ ହେବା ନେଇ ସହଯୋଗ କରିବାକୁ ଚାହୁଁଛି । ମୋ ପ୍ରତ୍ୟାବର୍ତ୍ତନର ଅର୍ଥ ନୁହେଁ ଯେ ତାମିଲନାଡୁରେ ବିଜେପି ପ୍ରାର୍ଥୀଙ୍କ ଅଭାବ ରହିଛି ।'

ଆସନ୍ତା ୨୨କୁ ଘୁଟିଂଲା ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ

ଭୁବନେଶ୍ୱର, ୨୦/୩ (ନି/ପ୍ର): ଆସନ୍ତା ୨୨ ତାରିଖକୁ ଘୁଟିଂଲା ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ । ଏହି ଦିନ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାକୁ ନେଇ ଘୋଷଣା କରାଯିବ । ଏଥର ପ୍ରାର୍ଥୀ ତାଲିକାରେ ଓଡ଼ିଶା ପ୍ରାର୍ଥୀଙ୍କ ନାଁ ସାମିଲ ହେବା ନେଇ ଆଶା କରାଯାଉଛି । ଓଡ଼ିଶାର ବିଜେପି ଟିକେଟ୍ ନେଇ ମଙ୍ଗଳବାର ରାଜ୍ୟ ନେତୃତ୍ୱଙ୍କ ସହ ରାତି ଅଧ ପର୍ଯ୍ୟନ୍ତ ବୈଠକ କରିଥିଲେ ଗୃହମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା । ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବୈଜୟନ୍ତ ପଣ୍ଡା, ସମିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅମିତ ଶାହ ଆସନ ଦ୍ୱାରା ଆଲୋଚନା କରିବା ସହ ପ୍ରତି ନିର୍ବାଚନମଣ୍ଡଳୀର ସ୍ଥିତି ବୁଝିଥିବା ସୂତ୍ରନା ମିଳିଛି । ସୋମବାର ମଧ୍ୟ ରାତି ୨ଟା ପର୍ଯ୍ୟନ୍ତ ମଧ୍ୟ ରାଜ୍ୟ ନେତାଙ୍କ ସହ ଆଲୋଚନା କରିଥିଲେ କେନ୍ଦ୍ରୀୟ ନେତୃତ୍ୱ । ବିଜେପି ପ୍ରଥମ ପର୍ଯ୍ୟାୟରେ ୧୯୫ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୭୨ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା । କିନ୍ତୁ ୨୬୭ ଆସନ ମଧ୍ୟରୁ ଓଡ଼ିଶାର କୌଣସି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ନଥିଲା । ଆଜ ତର୍ଫା ହେଉଥିଲା ବିଜେଡି-ବିଜେପି ମେଟଂ ପାଇଁ ନାଁ ଘୋଷଣା ବିଳମ୍ବ ହେଉଛି । ତେବେ ପ୍ରାର୍ଥୀ ତାଲିକା ସେତେ ବିଳମ୍ବ ହେବ, ମେଟଂ ଚର୍ଚ୍ଚା ସେତେ ଅଧିକ ହେବ ବୋଲି ରାଜନୀତି ସମୀକ୍ଷକ କହିଛନ୍ତି । ତେଣୁ, ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାର କୌଣସି ନେତାଙ୍କ ନାଁ ଘୋଷଣା ହେଉଛି କି ଆହୁରି ବିଳମ୍ବ ହେବ ତା ଉପରେ ସମସ୍ତଙ୍କ ନଜର ରହିଛି ।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବଦଳୁଛି କେନ୍ଦ୍ରାପଡ଼ା ଚିତ୍ର : ବିରୋଧୀ ଶିବିରରେ ନାହାନ୍ତି ପ୍ରଭାବୀ ନେତା

କେନ୍ଦ୍ରାପଡ଼ା,୨୦/୩ (ନି/ପ୍ର): ବଦଳୁଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜନୀତିରେ ଦୃଶ୍ୟପଟ୍ଟ। ବିରୋଧୀ ଶିବିରରୁ ଜଣକ ପରେ ଜଣେ ନେତା ଦଳ ଛାଡ଼ି ବିଜେଡିରେ ସାମିଲ୍ ହେଉଛନ୍ତି ଅଥବା ବଜାୟ ରାଜନୀତିରୁ ଦୂରେଇ ଯାଉଛନ୍ତି। ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ନିଷ୍କ୍ରିୟ। ପୂର୍ବତନ ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଜିଲ୍ଲା ରାଜନୀତିରୁ ଦୂରେଇ ଗଲେଣି। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବୁଶୁମାନ ମହାନ୍ତି ଇତିମଧ୍ୟରେ ବିଜେଡିରେ ସାମିଲ୍ ହେଉସାରିଛନ୍ତି। ବିଜୟଙ୍କ ପୁଅ ଅରବିନ୍ଦ ମହାପାତ୍ର ନିକଟରେ ଶଙ୍ଖ ଫୁଙ୍କି ସାରିଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରାଙ୍କ ଉପରେ ବିଜେଡିର ନଜର ଥିବା କୁହାଯାଉଥିବାରୁ ଜିଲ୍ଲାରେ ଏବେ ବିରୋଧୀ ଦଳରେ ପ୍ରଭାବୀ ନେତାଙ୍କ ଖୋଜା ପଡ଼ିଲାଣି। ପୁରୁଣା ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କ କଥା ବିଚାରକୁ ନିଆଯାଉ। ଯଦିଓ ସେ ଏବେ ବି ବିଜେପିରେ ଅଛନ୍ତି, କିନ୍ତୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ। ୨୦୧୯ ପାଟକୁରା ଉପ ନିର୍ବାଚନରେ ହାରିବା ପରୁ ବିଜୟ ବିଜେପି ରାଜନୀତିରୁ ନିଜକୁ ଦୂରେଇ ରଖି ଆସୁଥିଲେ। ଏବେ ତାଙ୍କ ପୁଅ ଅରବିନ୍ଦଙ୍କ ବିଜେଡିରେ ଯୋଗଦାନ ଆଉ ପାଟକୁଲା ବିଧାନସଭା ଆସନରୁ ବର୍ତ୍ତମାନ ବିଜେଡ଼୍‌ରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଗ୍ରହୀ ହେବାପରେ ବିଜୟ ଆଉ ଜିଲ୍ଲା କିମ୍ବା ପାଟକୁରାରେ ବିରୋଧୀ ଦଳର ବଡ଼ ଚେହେରା ହୋଇ ରହିନାହାନ୍ତି। ସେହିପରି ବୈଜୟନ୍ତଙ୍କୁ ବି ଜିଲ୍ଲା ରାଜନୀତିରେ ଆଉ ସକ୍ରିୟ ଭାବେ ଦେଖିବାକୁ ମିଳୁ ନାହିଁ। ଯଦିବି ଜିଲ୍ଲା ବିଜେପି ସଙ୍ଗଠନ ତାଙ୍କ ନିୟନ୍ତ୍ରଣରେ ଏବେବି ରହିଛି, କିନ୍ତୁ ଉଚ୍ଚପ୍ରବେଶ ଲୋକସଭା ଦାୟିତ୍ୱ ବଳ ଦେବା ପରୁ ସେ ଆଉ କେନ୍ଦ୍ରାପଡ଼ାରେ ବଳୀୟ ରାଜନୀତିରେ ବିଶେଷ ଗୁରୁତ୍ୱ ପୁରାଉନାହାନ୍ତି। କେନ୍ଦ୍ରାପଡ଼ା ଲୋକସଭା ଆସନରୁ ଏଥର ସେ ଲଢ଼ି ନ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଅମ୍ବୁଶୁମାନ ଜିଲ୍ଲା କଂଗ୍ରେସ ରାଜନୀତିରେ ଅନ୍ୟତମ ଟାଣୁଆ ନେତା ଥିଲେ। ଭେଟେରାନ୍ ନେତା ବିବଳାଙ୍ଗ ନଳିନୀ ମହାନ୍ତିଙ୍କ ପୁଅ ହେଉଥିବା ବୃଷ୍ଣିରୁ ରାଜନଗର ନିର୍ବାଚନମଣ୍ଡଳୀରେ ତାଙ୍କର ଅଖଣ୍ଡ ପ୍ରଭାବ ଆଉ ପରିଚାରା ରହିଛି। ମାତ୍ର ତାଙ୍କର ବିଜେଡିରେ ଯୋଗଦାନ ସହିତ ବିରୋଧୀ ରାଜନୀତିରୁ ଆଉ ଜଣଙ୍କ ନାଁ ଲିଭିଗଲା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଜିଲ୍ଲାର ବଡ଼ କଂଗ୍ରେସର ନେତା ହୋଇଥିବା ବେଳେ ତାଙ୍କର ବିଜେଡିରେ ଯୋଗଦାନରୁ ନେଇ ଲାଗି ରହିଥିବା ଚର୍ଚ୍ଚାର ଅନ୍ତ ଘଟୁ ନାହିଁ। ଯେବେଠୁ ଅମ୍ବୁଶୁମାନ କଂଗ୍ରେସ ଛାଡ଼ିଲେଣି, ସେବେଠୁ ଗଣେଶ୍ୱରଙ୍କ ବିଜେଡିରେ ଯୋଗଦାନକୁ ନେଇ ଅଧିକ ଚର୍ଚ୍ଚା ହେଉଛି। ନିଜେ ଗଣେଶ୍ୱର ଏହାକୁ ଖଣ୍ଡନ କରି ଆସୁଥିବା ବେଳେ କେନ୍ଦ୍ରାପଡ଼ାରେ କିନ୍ତୁ ଏହାକୁ ନେଇ ସସପେନ୍ସ ଜାରି ରହିଛି। ଆଜିରେ ବିରୋଧୀ ଦଳ କହିଲେ କଂଗ୍ରେସରୁ ଲୁଚିଯାଏ। ଏହି ଆସନରେ ବିଜେଡି-କଂଗ୍ରେସ ଲଢ଼େଇ ହୁଏ। ବିଜେଡିକୁ ହରାଇ ୨୦୧୪ରୁ ୨୦୧୯ଯାଏ ବିଧାୟକ ଥିଲେ କଂଗ୍ରେସର ବରିଷ୍ଠ ନେତା ଦେବେନ୍ଦ୍ର ଶର୍ମା। ମାତ୍ର ସ୍ୱାସ୍ଥ୍ୟଗତ କାରଣରୁ ସେ ଏଥର ନିର୍ବାଚନ ଲଢ଼ିବେ ନାହିଁ ବୋଲି ଖୋଲାଖୋଲି ଘୋଷଣା କରିଛନ୍ତି। ଏଥିଯାଇଁ ସେ ନିଜ ଝିଅଙ୍କୁ ରାଜନୀତିକୁ ଆଣିଛନ୍ତି। ଜଳଶିଶିତା ତାଙ୍କ ଝିଅ ସରକାରୀ ଚାକିରୀ ଛାଡ଼ି କଂଗ୍ରେସରୁ ନିଜ ରାଜନେତ ?ତିକ ପାଠ ଆରମ୍ଭ କରିବାକୁ ଯାଉଛନ୍ତି। ସୁତରାଂ ଶ୍ରୀ ଶର୍ମାଙ୍କ ଭଳି ଅଭିଜ୍ଞ ଓ ଅନୁଭବୀ ନେତାଙ୍କୁ ଆଉ ଆମାମୀ ଦିନରେ କଂଗ୍ରେସ ରାଜନୀତିରେ ସେତେବେଳେ ସକ୍ରିୟ ଦେଖିବାକୁ ମିଳିବ ନାହିଁ। ମହାକାପଡ଼ାରେ ବିଜେପି ନେତା ବିଜୟ ପ୍ରଧାନ ଗତ ନିର୍ବାଚନରେ ଯେଉଁଭଳି ବିଜେଡି ବିରୋଧରେ ଲଢ଼େଇ କରିଥିଲେ, ତାହା ରାଜନୈତିକ ମହଲକୁ ବିସ୍ମିତ କରିଦେଇଥିଲା।

କେନ୍ଦୁଝରରେ ନବନିର୍ମାଣ କୃଷକ ସଂଗଠନର ସିଂହାସନ ଖାଲିକର ସମାବେଶ

କେନ୍ଦୁଝର,୨୦/୩ (ନି/ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ମଙ୍ଗଳବାର ଦିନ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସହରର କାଳୀ ପଡିଆ ଠାରେ ସିଂହାସନ ଖାଲି କର ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ଜିଲ୍ଲା ସଭାପତି ଲକ୍ଷ୍ମୀଧର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଇନ୍ଦ୍ରମଣି ବିଶ୍ୱକର ସଭା ପରିଚାଳନା କରିଥିଲେ । ଏହି ସମାବେଶରେ ନବ ନିର୍ମାଣ କୃଷକ ସଂଗଠନ ର ରାଷ୍ଟ୍ରିୟ ଅଧକ୍ଷ ଅକ୍ଷୟ କୁମାର ଯନ୍ତ୍ରୀ ବେଳ କହିଥିଲେ ଯେ ସ୍ୱାଧୀନତା ର ୭୭ ବର୍ଷ ଭିତରେ ଖଣି ପାଣିରେ ଭରପୁର ଥିବା ଆଦିବାସୀ ବହୁଳ ଅଂଚଳ କେନ୍ଦୁଝର ବିକାଶିତ ହେବା ପରିବର୍ତେ ଚାଷୀ ଓ ଆଦିବାସୀ ଚଳକୁ ଚଳକୁ ଖସିବା ଚାଲିଛନ୍ତି । ବିଗତ ୧୪ ବର୍ଷ ଧରି ନିର୍ମାଣ କୃଷକ ସଂଗଠନ ଚାଷୀଙ୍କୁ ମାସିକ ପେନସନ ୫ ହଜାର ଟଙ୍କା , ଧାନ କ୍ୱାଣ୍ଟାଲ ୩ ହଜାର ୪୦୦ ଟଙ୍କା , ଚାଷୀକୁ ସମ୍ମାନ , ଚାଷୀ ବାର୍ଦ୍ଧକ୍ୟ ଭତା ୩ ହଜାର ଟଙ୍କା କରିବା ପାଇଁ ଲଢେଇ ଜାରି ରଖିଛୁ । କିନ୍ତୁ ରାଜ୍ୟ ସରକାର ୨୫ ବର୍ଷ ମଧ୍ୟରେ ଚାଷୀଙ୍କୁ ଭୁବନେଶ୍ୱର ରେ ପୁରାଇ ଦେଉନଥିବା ର ଅଭିଯୋଗ କରିଥିଲେ । ସେଥିପାଇଁ ସନ୍ତ୍ରାଂ ୨୦୨୨ ମସିହା ନଭେମ୍ବର ମାସ ଠାରୁ ନବ ନିର୍ମାଣ କୃଷକ ସଂଗଠନର ଚାଷୀମାନେ ଆମର ଦରଜାର ଚାଷୀ ସରକାର – ର ନାରା ଦେଇଥିଲେ । ଚାଷୀମାନେ ଏକାଠି ହୋଇ ଆସନ୍ତା ନିର୍ବାଚନରେ ଚାଷୀ ସରକାର ନିର୍ମାଣ କରିବେ ବୋଲି ଶ୍ରୀକୁମାର ତାଙ୍କ ବକ୍ତବ୍ୟ ରେ କହିଥିଲେ । ଅନ୍ୟତମ ରାଜ୍ୟ ସହ -ସଂଯୋଜକ ଉମାକାନ୍ତ ଭାରତ ତାଙ୍କ ବକ୍ତବ୍ୟରେ କେନ୍ଦୁଝରର ଲୁହାର ପାହାଡ ଉପରେ ବସିଥିବା ଲୋକ ଦାରିଦ୍ରତା ଭିତରେ ସଢୁଛି । ଜମିକୁ ଜଳସେଚନ ନାହିଁ , ଶୀତଳଭଣ୍ଡାର , ନାହିଁ ,ଧାନ ମଣ୍ଡିରେ ୫ କିଲୋ କାଟ ଚାଲିଛି. ବେକାର ଯୁବକ ମାନଙ୍କୁ ନିଯୁକ୍ତି ନାହିଁ କିନ୍ତୁ ନବୀନ ପଟ୍ଟନାୟକ ଏକ ନମୟର ମୁଖ୍ୟମନ୍ତ୍ରୀ ର ପୁଷ୍ଟାର ପାଇଛନ୍ତି । ସମୟ ଆସିଛି ବ୍ୟବସ୍ଥା ପରିବର୍ତନ ପାଇଁ ଅପଶମାନେ ଚାଷୀ , ମହିଳା , ଯୁବକଙ୍କ ବାନ୍ଧରେ ବାନ୍ଧ ବେଳ ଭୋଟ ମଲାଦାନରେ ଯଦି ଲଢେଇ କରିପାରିବା ତେବେ ନିଶ୍ଚିତ ଚାଷୀ ସରକାର ସ୍ଥାପନ ହୋଇ ପାରିବ ବୋଲି ଭାରତ ମତ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ସଭାପତି ସୁଚି ରଞ୍ଜନ ମହାପାତ୍ର ଆଦିବାସୀ ସଙ୍ଗର ସଭାପତି ଚନ୍ଦ୍ର ମୋହନ ନାୟକ , ସାଧାରଣ ସଂପାଦକ ଜୀବନ ସିଂ ମୁଣ୍ଡିଆ , ପାଟଣା ନିର୍ବାଚନ ମଣ୍ଡଳୀ ର ବିଧାୟକ ପାର୍ଥ ବୀପକ ନାୟକ , ଜିଲା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ମହାନ୍ତଙ୍କ ସହ ଶ୍ୟାମ ସୁନ୍ଦର ମହାନ୍ତ ଦୁର୍ଯୋଧନ ମହାନ୍ତ , ପୁଷ୍ପଚନ୍ଦ୍ର ସାହୁ , ମହିଳା ସଭାପତି ବିକାସ ମହାନ୍ତ ଆଂଚଳିକ ସମସ୍ୟା ଉପରେ ମତ ପ୍ରକାଶ କରିଥିଲେ । ଏହି ସମାବେଶରେ ନେତୃତ୍ୱ ମାନଙ୍କ ମଧ୍ୟରେ ରାଜ କିଶୋର ମହାନ୍ତ ,କୃଷ୍ଣଚନ୍ଦ୍ର ନାୟକ, ମାଧୁରୀ ମହାନ୍ତ , ବାବୁଲି ମହାନ୍ତ ,ସୁମିତ୍ରା ମାରେଣ୍ଡି , ଉମାକାନ୍ତ ମହାନ୍ତ , ପ୍ରିୟ ରଞ୍ଜନ ମହାନ୍ତ , ବିରେନ୍ଦ୍ର ମହାନ୍ତ , ବିବାକର ପାତ୍ର, କଳ୍ପଣାକର ମହାନ୍ତ ପ୍ରଭୃତି ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହ ସମାବେଶକୁ ସଫଳ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ

୨ ବନ କର୍ମଚାରୀଙ୍କୁ ଶିକାରୀଙ୍କ ଗୁଳିମାଡ଼ : କୁଲଡ଼ିହା ଅଭୟାରଣ୍ୟରେ ରକ୍ତଛିଟା

ନୀଳଗିରି,୨୦/୩ (ନି/ପ୍ର): ବାଲେଶ୍ୱର ଜିଲ୍ଲା କୁଲଡ଼ିହା ଅଭୟାରଣ୍ୟରେ ଫୁଟିଲା ଗୁଳି। ଏହାର ଶିକାର ହୋଇଛନ୍ତି ଦୁଇଜଣ ବନ କର୍ମଚାରୀ। ଆହତ ବନ କର୍ମଚାରୀଙ୍କୁ ପ୍ରଥମେ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଜଟକ ସ୍ଥାନାନ୍ତର କରାଯାଇଛି। ଗତକାଲି ରାତିରେ କୁଲଡ଼ିହା ରେଞ୍ଜ୍ ଅଧୀନ ଫଂଚଲିଙ୍ଗେଶ୍ୱର ବିଟ୍‌ର ଫରେଷ୍ଟ ଗାର୍ଡ ସିଂରାୟ ହେମ୍ରାମଙ୍କ ସହ ୫ ଜଣ ସବୁଜ ବାହିନୀ ସଦସ୍ୟ ଅଭୟାରଣ୍ୟରେ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୧୨ଟା ବେଳେ ଜଙ୍ଗଲ ଭିତରେ ଟର୍ଚ୍ଚଲାଇଟ୍ ଦେଖିବାକୁ ମିଳିବା ସହ ବନ୍ଧୁକ ଫୁଟିବାର ଶବ୍ଦ ଶୁଣିଥିଲା। ୩ ସଂଟାର ଖୋଜାଖୋଜି ପରେ ସେମାନେ ବିଟ୍ ଅଧୀନ ଧାନଶୁଖା ଚତୁରୀ ନିକଟରେ ଦୁଇଜଣ ଶିକାରୀଙ୍କୁ ଘେରିପକାଇଥିଲେ। ଆତ୍ମସମର୍ପଣ ପାଇଁ କହିବାରୁ ସେମାନେ ବେଶୀ ବନ୍ଧୁକରୁ ବନକର୍ମଚାରୀଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଫଳରେ ସବୁଜ ବାହିନୀ ସଦସ୍ୟ କ୍ଷିତୀଶ ପରିଡ଼ା ଓ ବିଂଚିଚେନା ଗୁରୁତର ଆହତ ହୋଇଥିଲେ। କ୍ଷିତୀଶଙ୍କ ଗୋଡ଼ିଏ ଗୋଡ଼ରେ ଗୁଳି ବାଜିଥିଲା ବେଳେ ବିଂଚିଚିଙ୍କ ଦୁଇ ଗୋଡ଼ରେ ବାଜିଥିଲା। ତଥାପି ବନ କର୍ମଚାରୀମାନେ ନଡ଼ରି ସାହସର ସହ ସାମ୍ନା କରିଥିଲେ ଏବଂ ଉଭୟଙ୍କୁ ଜାବୁଲୁ ଆଣିଥିଲେ। ବୁଝେଁ ହେଲେ, ନାଳଗିରି ଥାନା ଅଧୀନ ଶିଆଡ଼ିମାଳ ଗ୍ରାମର ସୋନିଆ ଙ୍ଗି (୪୦) ଏବଂ ଜଂଟାବଣିଆ ଗ୍ରାମର ଗୁନା ଙ୍ଗି (୩୦) । ଦୁହିଁଙ୍କଠାରୁ ୨ଟି ବନ୍ଧୁକ ସହ ଟର୍ଚ୍ଚ, ଅଫୁଟା ଗୁଳି ଓ କତୁରି ଜବତ କରାଯାଇଛି। ବନ ବିଭାଗ ୨୮/୨୪ ଏବଂ ନୀଳଗିରି ପୁଲିସ ୮୭/୨୪ରେ ମାମଲା ରୁଜୁ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ବାରିପଦା ଆରସିସିଏଫ୍ ଡ. ପ୍ରକାଶ ଚାନ୍ଦ ଗୋଗିନାନୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଶିକାରୀଙ୍କ ଗୁଳିରୁ ବର୍ତିଯାଇଥିବା ବନ କର୍ମଚାରୀଙ୍କୁ ନେଇ ସିନ୍ ରିକ୍ରିଏସନ୍ କରାଯାଇଛି। ଏଥିରେ ବାଲେଶ୍ୱର ଡିଏଫ୍‌ଓ ଖୁସଖୁରୁ ଙ୍ଗି ଓ ଏସିଏଫ୍‌ଓ ଦିଗନ୍ତ ଶୋଭନ ଚାନ୍ଦ, କୁଲଡ଼ିହା ରେଞ୍ଜର ପ୍ରବୀର ମୁର୍ମୁ, ଫଂଚଲିଙ୍ଗେଶ୍ୱର ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ ଏବଂ ଅନ୍ୟ ବନ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ପିସିସିଏଫ୍ କହିଛନ୍ତି, ଆଗାମୀଦିନରେ କୁଲଡ଼ିହା ଅଭୟାରଣ୍ୟ ଏବଂ ଏହାର ଆଖପାଖ ଅଂଚଳରେ କମ୍ବିଂ ଅପରେସନ୍ କରାଯିବ। ଯେଉଁମାନେ ବେଆଇନ ବନ୍ଧୁକ ରଖିଛନ୍ତି, ବନ ବିଭାଗ ପାଖରେ ଜିମା ଦେବଦିଅନ୍ତୁ। ନତେତ୍ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ନବନିର୍ମିତ ଶ୍ରୀରାମ ମନ୍ଦିରରୁ ନଗଦ ୮ ଲକ୍ଷ ଟଙ୍କା ସହିତ ଠାକୁରଙ୍କ ସୁନା ଗହଣା ଲୁଟିନେଲେ ଦୁର୍ବୃତ

ଭାପୁର,୨୦/୩ (ନି/ପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମ ନିକଟରେ ଥିବା ଗିରିଗୋବର୍ଦନ ପାହାଡ଼ ଶିଖରେ ନବନିର୍ମିତ ଶ୍ରୀରାମ ମନ୍ଦିରରୁ ଗତ ରାତିରେ ଦୁର୍ବୃତ୍ତମାନେ ନଗଦ ୮ ଲକ୍ଷ ଟଙ୍କା ସହିତ ୧୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଠାକୁରଙ୍କ ସୁନା ଗହଣା ଲୁଟିନେଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇଲା ପରେ ଫତେଗଡ଼ ଥାନା ପୁଲିସ ତଦନ୍ତାଧୀନରେ ମାମଲା ରୁଜୁ କରିଛି । ଏହି ଘଟଣାରେ ଫତେଗଡ଼ ଥାନା ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଖବରରୁ ଜଣାପଡ଼ିଛି ଯେ ଗତକାଲି ଜାଳ ବେଶାଖାର ଲଗାଣ ହୁଅାକୁ ବୁଢ଼ା ବର୍ଷା ହେତୁ ରାତିରେ ମନ୍ଦିର ପୂଜକ ରାତ୍ରୀ ଆଳତି ପରେ ମନ୍ଦିର ପଛପ୍ର ପଳାଇ ଘରକୁ ଯାଇଥିଲେ । ବର୍ଷାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ନଗଦ ୮ ଲକ୍ଷ ଟଙ୍କା ସହିତ ଭକ୍ତମାନେ ଠାକୁରଙ୍କୁ ଦାନ କରିଥିବା ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନା ଗହଣା ଲୁଟି ନେଇଥିଲେ ।

କାଟିଆରେ ପ୍ରଶାସନର କସରତ : ଭୋଟରଙ୍କୁ କରାଗଲା ସଚେତନ

ପଟାଙ୍ଗ,୨୦/୩ (ନି/ପ୍ର): ଲୋଟିଆରେ ଗୋଟିଏ ବି ଭୋଟ ଯେମିତି ଏପଟସେପଟ ନହୁଏ ସେଥିପାଇଁ ଡଡ଼ିଶା ପକ୍ଷରୁ ଆରମ୍ଭ ହେଲା କସରତ। କୋରାପୁଟ ଜିଲ୍ଲା ପ୍ରଶାସନ ପୂରା ଜୋର ଲଗାଇବା ପାଇଁ ନିଷ୍ପତି ନେଇଥିଲା ବେଳେ ଜିଲ୍ଲାପାଳ ନିଜେ ଏହାର ନେତୃତ୍ୱ ନେଉଛନ୍ତି। ଆନ୍ଧ୍ରର ସମସ୍ତ ଚାଲୁକୁ ଉଚ୍ଛୁର କରିବାକୁ ବୁଲ ଦିନ ଧରି ଲୋଟିଆରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯିବ ବୋଲି ସୂଚନା ମିଳିଛି। ଗୋଟିଏ ଦିନରେ (ମେ' ୧୩ ତାରିଖ)ରେ ଆନ୍ଧ୍ର ଓ ଲୋଟିଆରେ ମତଦାନ ହେବା ଗଣ୍ଡେର ଲୋଟିଆ ଭୋଟର ଉଭୟ ରାଜ୍ୟର ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ଭାଗ ନେଇଥିଲେ। ତେବେ ଆନ୍ଧ୍ର ପାଇଁ ଅଳ୍ପ ଭୋଟର ହିଁ ମତଦାନ କରିଥିଲେ। ଏଥର ଭୋଟର ସଂଖ୍ୟା ବଢ଼ାଇବା ସହ ଭୋଟ ହାର ବୃଦ୍ଧି କରିବାକୁ ଆନ୍ଧ୍ର ପ୍ରଶାସନ ଲକ୍ଷ୍ୟ ରଖିଛି। ଏଥିପାଇଁ ପୂର୍ବରୁ ଭୋଟର ପରିଚୟ ପତ୍ର ବାଂଟିବା ସହ ଲୋକଙ୍କୁ ସଚେତନତା ଆଳରେ ପ୍ରଲୋଭିତ କରିଛି। ଯାହାର ମୁକାବିଲା ପାଇଁ କୋରାପୁଟ ଜିଲ୍ଲା ପ୍ରଶାସନ ଅଂଟା ଭିଡ଼ିଛି। ଆଜି କୋରାପୁଟ ଜିଲ୍ଲା ପ୍ରଶାସନ ଓ ପଟାଙ୍ଗି ବ୍ଲକ ପ୍ରଶାସନ ମିଳିତ ଭାବେ ଲୋଟିଆରେ ବୁଲ ଦିନିଆ ସଚେତନତା ଅଭିଯାନକୁ ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ଆନ୍ଧ୍ର ସୀମାକୁ ଲାଗି ରହିଥିବା ଫାଟୁସିନେରୀ, ମାଡ଼କାର, କୋଟିଆ ଏବଂ ଗଣ୍ଡେଲପଦର ପ୍ରମୁଖ ଗାଁରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନିଜ ମତ ଅଧିକାର ବିଭିନ୍ନି ସାବ୍ୟସ୍ତ କରିବେ ସେହି ବିଷୟରେ ଆଲୋଚନା ହୋଇଥିଲା। ଫାଟୁସିନେରୀ ଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଜି. ବୀର୍ଜି ଭାସନ ଗ୍ରାମବାସୀଙ୍କୁ ସଚେତନ କରିବାର ସହ ଭୋଟର ମୂଲ୍ୟ ବୁଝାଇଥିଲେ। ଏହି ଅବସରରେ ଗ୍ରାମବାସୀ ରାଲି କରି ମତଦାନ ନିମନ୍ତେ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ।

ଟିପିଏନଓଡିଏଲ କେନ୍ଦୁଝର ପକ୍ଷରୁ ଉପଭୋକ୍ତା ସମ୍ବର୍ଦ୍ଧନା

କେନ୍ଦୁଝର,୨୦/୩ (ନି/ପ୍ର):ଆଜି ଟିପିଏନଓଡିଏଲ କେନ୍ଦୁଝର ଡିଭିଜନ ପକ୍ଷରୁ ଏକ ବିଦ୍ୟୁତ ଉପଭୋକ୍ତା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଡିଭିଜନ ସଭାପ୍ରକୋଷ୍ଠ ରେ ଅନୁଷ୍ଠିତ ହୋଇଯାଇଛି, କେନ୍ଦୁଝର, ବାଂଶପାଳ, ତୁରୁମୁଙ୍ଗା ଆଦି ଅଂଚଳ ର ଏଜୋଇଶି ଜଣ ଉପଭୋକ୍ତା ଙ୍କୁ ଆଣ୍ଡ୍ରୋଏଡ୍ ମୋବାଇଲ ଫୋନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି, ଏହି ଉପଭୋକ୍ତା ଗଣ ନିୟମିତ ଭାବେ ବିଦ୍ୟୁତ ବିଲ ଡିଜିଟାଲ ପେମେଂଟ ମାଧ୍ୟମରେ ଫୋଟ କରି ରିହାତି ପାଇବା ସହିତ ଅନ୍ୟ ଉପଭୋକ୍ତା ଙ୍କ ପାଇଁ ପ୍ରେରଣାଦାୟୀ ହୋଇ ପାରିଛନ୍ତି,ସହସ୍ରାଧିକ ଡିଜିଟାଲ ପେମେଂଟ ଗ୍ରାହକ ମାନଙ୍କ ମଧ୍ୟରୁ ଏକ ଲଟେରୀ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟ ରେ ଏଜୋଇଶି ଜଣଙ୍କୁ ମନୋନୀତ କରାଯାଇଥିଲା ଆଗାମୀ ପର୍ଯ୍ୟାୟ ରେ ପୁଣି ନୂତନ ଉପଭୋକ୍ତା ମନୋନୀତ ହୋଇ ସମ୍ବର୍ଦ୍ଧିତ ହେବେ, ଏ ଅବସରରେ ସୁପରିଟେଣ୍ଡିଂ ଇଞ୍ଜିନିଅର କେନ୍ଦୁଝର ସର୍କଲ ଙ୍କ ଶ୍ରୀମାନ୍ତ ବେହେରା,ଏଜିଏମ ବାଲେଶ୍ୱର କର୍ପୋରେଟ କାର୍ଯ୍ୟାଳୟ ଙ୍କ ସଂଜୀବ କୁମାର ଜେନା, କେନ୍ଦୁଝର ବିଦ୍ୟୁତ ଡିଭିଜନ କାର୍ଯ୍ୟନିର୍ବାହୀ ଇଂ ମୀନକେତନ ସାମଲ, ଏସଡ଼ିଓ (୧)କେନ୍ଦୁଝର ଇଂ ଜିତେନ୍ଦ୍ର ବେହେରା, ଏସଡ଼ିଓ ଇଲେକ୍ଟ୍ରିକଲ ତୁରୁମୁଙ୍ଗା ଇଂ ଜନ୍ମେଜୟ ବେହେରା, ଏସଡ଼ିଓ ଇଲେକ୍ଟ୍ରିକଲ ଜଂ୨କେନ୍ଦୁଝର ଇଂ ସନ୍ତୋଷ କୁମାର ପରିଡା,ବିଦ୍ୟୁତ ଗ୍ରାହକ ମାନେ ସଚେତନ ହୋଇ ଉଚମ ମାନ ର ସେବା ପାଇବାର ହକଦାର ହେବା ଉଚିତବୋଲି ମତ ପ୍ରକାଶ କରିଥିଲେ,ଗ୍ରାହକସେବା ସମ୍ପର୍କ ଅଧିକାରିଣୀ ସୁଶ୍ରୀ ମାମୁମା ନାଇ, ଗ୍ରାହକ ସେବା ଆଡମିନ ସୁଶ୍ରୀ ଲୋପାମୁଦ୍ରା ଲେଙ୍କା ଉପସ୍ଥିତ ରହି ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ

ଭୋଟ ବର୍ଜନ ଓ କାର୍ଯ୍ୟରେ ଅସହଯୋଗ ପାଇଁ ଠିକା ସ୍ୱାସ୍ଥ୍ୟ କର୍ମଚାରୀଙ

ବିବିଧା



ବଲିଉଡ୍‌ରେ ଏଣ୍ଟ୍ରି କରିବେ ଦୃତିକଙ୍କ ଭତିଜୀ

ଭୁବନେଶ୍ୱର, ୍ଚ ବଲିଉଡରେ ଏଣ୍ଟ୍ରି କରିବେ ସୁପରଷ୍ଟାର୍ ହୃତିକ ରୋଶନଙ୍କ ସମ୍ପର୍କୀୟ ଭତିଜୀ ପଶ୍ମିନା ରୋଶନ । ଫିଲ୍ମ 'ଲଷ୍ଟ ଭିଲ୍ଲେ ଡିବାଲଣ୍ଡ' ରେ ସେ ବଡ଼ ପରଦାରେ ନଜର ଆସିବେ । ଫିଲ୍ମଟି ଆସନ୍ତା ଜୁନ୍ ୨୮ ତାରିଖରେ ମୁକ୍ତିଲାଭ କରିବ । ଏଥିରେ ତାଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ ରୋହିତ ସରଫ, ଜିବରାନ ଖାନ୍ ଓ ଜେନିନା ଗ୍ରେଥାଲ । ଫିଲ୍ମ ବିଷୟରେ ପଶ୍ମିନା ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିବା ସମୟରେ ତାଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି । ବଡ଼ ଭାଇ ଋତ୍ୱିକ ଏହି ପୋଷ୍ଟ ପ୍ରତିକ୍ରିୟା ଦେଇ ଲେଖିଛନ୍ତି 'ଆଇ ଅପେକ୍ଷା କରିପାରୁନାହିଁ ।' ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରି ପଶ୍ମିନା ଟିଜେ ଦୁନିଆରେ ପ୍ରବେଶକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ାଇ ଦେଇଛନ୍ତି । 'ଲଷ୍ଟ ଭିଲ୍ଲେ ଡିବାଲଣ୍ଡ' ହେଉଛି ୨୦୦୩ ମସିହାରେ ମୁକ୍ତିପ୍ରାପ୍ତ ଶାହିଦ କପୁର, ଅମୃତା ରାଓ ଓ ଶେହନାଜ ଟ୍ରେଜରୀଙ୍କ ଅଭିନୀତ 'ଇଶ୍କୁ ବିଶ୍କୁ'ର ସିକ୍ୱେଲ । ଫିଲ୍ମକୁ ଦର୍ଶକ ଖୁବ୍ ଭଲପାଇଥିଲେ । ବହୁ ଅପେକ୍ଷିତ ତାହା ଭଲ ବ୍ୟବସାୟ ମଧ୍ୟ କରିଥିଲା । ସିକ୍ୱେଲର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ରମେଶ ତୌରାନି । ନିର୍ଦ୍ଦେଶନା ଦେଇଛନ୍ତି ନିପୁନ ଅନିନାଶ ଧର୍ମାଧିକାରୀ । ପଶ୍ମିନା ହେଉଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ରାକେଶ ରୋଶନଙ୍କ ଝିଅ । ସେହି ବୃଷ୍ଟିରୁ ବଲିଉଡ୍ ପାଇଁ ସେ ଆହୋରି ନୂଆ ନୁହନ୍ତି । ଏଇଟି ତାଙ୍କର ପ୍ରଥମ ପଦାର୍ପଣ ହେଲେ ମଧ୍ୟ ଫିଲ୍ମ ଦୁନିଆ ସହ ତାଙ୍କ ସମ୍ପର୍କ ଅତି ପୁରୁଣା । ୨୦୧୯ ମସିହାରେ ସେ ଥିଏଟରରେ 'ଦ ଲଙ୍ଗୋର୍ଟାନ୍ସ ଅଫ୍ ବିଉଟି ଅନେଷ୍ଟ' ନାଟକରେ ଅଭିନୟ କରିଥିଲେ । କଲେଜ ପଢ଼ା ପରେ ଅଭିନୟ ଶିକ୍ଷା ଲାଗି ମୁମ୍ବାଇ ସ୍ଥିତ ଜେଏ୍ ରୋଲୁବର୍ଗ ଷ୍ଟୁଡିଓରେ ସେ ଯୋଗ ଦେଇଥିଲେ ।

ବିଶ୍ୱ ପଖାଳ ଦିବସ

ଓଡ଼ିଶା ଏବଂ ଓଡ଼ିଆଙ୍କ ନିତିଦିନିଆ ଜୀବନ ସହ ପଖାଳର ସମ୍ପର୍କ ଅତି ନିବିଡ଼ ଓ ପୁରାତନ । ଗଣ୍ଡାଏ ପଖାଳକୁ ଡୋକେ ଡୋରାଣି ମନକୁ ଶାନ୍ତି ଆତ୍ମାକୁ ତୃପ୍ତ କରିଦିଏ । ଗାଁଠୁ ସହର ପ୍ରତି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ମଧ୍ୟରେ ରହିଛି ପଖାଳ । ଦିନେ ଗରିବଙ୍କ ଖାଦ୍ୟ କୁହାଯାଉଥିବା ପଖାଳ ଏବେ ବଡ଼ବଡ଼ିଆଙ୍କ ପସନ୍ଦ ପାଲଟିଯାଇଛି । ପଖାଳ ଏବେ ଓଡ଼ିଆଙ୍କ ପରିଚୟ ପାଲଟିଛି । ଓଡ଼ିଆ ସଂସ୍କୃତି ସହ ଯୋଡ଼ି ହୋଇ ରହିଛି ପଖାଳ । ଓଡ଼ିଆ ସଂସ୍କୃତିରେ ପଖାଳର ଗୁରୁତ୍ୱକୁ ଆହୁରି ବଢ଼ାଇବା ପାଇଁ ପ୍ରତି ବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ପଖାଳ ଦିବସ' ରୂପେ ପାଳନ କରାଯାଇଛି ।

ଆମ ସଂସ୍କୃତି ଏବଂ ପରାମ୍ପରା ସହ ପଖାଳର ସମ୍ପର୍କ ମଧ୍ୟ ରହିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ମଧ୍ୟ ପଖାଳ ମୋହରେ ପଡ଼ିଛନ୍ତି । ସେଥିପାଇଁ ନ ଚର୍ଚ୍ଚା ସାରା ବାରୁ ତିନିଟି ପାଖରେ ପଖାଳ ଭୋଗ ଲାଗି କରାଯାଉଥାଏ । ଶ୍ରୀ ଜଗନ୍ନାଥଙ୍କର ଛମନ ଭୋଗ ମଧ୍ୟରେ ପଖାଳର ସ୍ୱତନ୍ତ୍ର ସ୍ଥାନ ରହିଛି । ଆଧୁନିକତାର ଚାକଚକ୍ୟ ଭିତରେ ହଜିଯାଇଛି ପଖାଳର ସ୍ୱାଦ ଏବଂ ଚାହିଦା । ଏବେ ପଖାଳର ଭାଙ୍ଗି ଦିମାଣ୍ଡ । ଫୁଟ୍‌ପାଥ କୁଡ଼ିଆଠାରୁ ଆରମ୍ଭ କରି ବଡ଼ବଡ଼ ହୋଟେଲରେ ପଖାଳର ଭଲ ଚାହିଦା ଲାଭିଥିବା ଦେଖିବାକୁ ମିଳୁଛି । ହୋଟେଲରେ ପଖାଳ ସାଙ୍ଗକୁ ବିଭିନ୍ନ ସୁସ୍ୱାଦିଆ ଖାଦ୍ୟର ମଜା ନେଉଛନ୍ତି ଲୋକ । ପଖାଳ ଫେଣ ଅଣ୍ଡା ରଖିବା ସହ ମନକୁ ଶାନ୍ତି ଦେଉଥାଏ । ବିଶେଷ କରି ଖରା ଦିନ ହେଲେ ପଖାଳର ଆଦର ଆହୁରି ବଢ଼ିଯାଏ । ପଖାଳର ଚାହିଦାକୁ ଦେଖି ଏବେ ହୋଟେଲମାନଙ୍କରେ ଗ୍ରାହକଙ୍କ ମନଲାଖି ପଖାଳ ସାଙ୍ଗକୁ ସାଜର ଆଇଟମ ସବୁ ପ୍ରସ୍ତୁତ କରାଯାଉଛି । ସହରରେ ଥିବା ଡାଲକା ହୋଟେଲମାନଙ୍କରେ ପଖାଳ ଖାଇବାକୁ ବଡ଼ବଡ଼ିଆଙ୍କର ଆଗ୍ରହ ଦେଖିବାକୁ ମିଳୁଛି । ଏବେ ପଖାଳ କେବଳ ବାସିରେ ସୀମିତ ହୋଇ ରହିନାହିଁ, ସମୟ ପରିବର୍ତ୍ତନ ସହ ପଖାଳର ରୂପ ଏବଂ ଗୁଣ ବି ବଦଳିଯାଇଛି । ଗ୍ରାହକଙ୍କ ପସନ୍ଦ ଅନୁସାରେ ଦହି ପଖାଳ, ସଜ ପଖାଳ, ଛୁଙ୍କ ପଖାଳ, ବାସି ପଖାଳ ଏବଂ ପରିବା ପଖାଳ ଆଦି ବିଭିନ୍ନ ପ୍ରକାରର ପଖାଳ ଉପଲବ୍ଧ ହେଉଛି । ଗୋଲିଭି ତେଲରେ ଗୋଡ଼ିଷ, ଶୁଖୁଆ ଲଙ୍କା, ରସଗଦପୁ ଏବଂ ରସୁଣ ଛୁଙ୍କ ଦିଆ ଦହି ପଖାଳର ଚାହିଦା ବଢ଼ିଛି । ଭା'ସାଙ୍ଗକୁ ଶାଗ ଭାଜା, ଆଳୁ ଭାଜା, ଦାଲଗଣ ଭରତା, ବଡ଼ିଚୂରା, ଚୂନା ମାଛ, ରଖାଉପୁର ବରା ଏମିତି ଅନେକ ଆଇଟମମାନ ପ୍ରସ୍ତୁତ କରାଯାଉଥାଏ । ପ୍ରତିବର୍ଷ ପଖାଳ ଦିବସକୁ ଦୃଷ୍ଟିରେ ରଖି ବିଭିନ୍ନ ହୋଟେଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ ।

ଅଧିକ ତେଲ ଓ ମସଲା ଯୁକ୍ତ ଖାଦ୍ୟ ଖାଉଥିଲେ ସାବଧାନ !

ସାଧାରଣତଃ ଲୋକେ ବାହାର ଖାଦ୍ୟ ଖାଇବାକୁ ବେଶି ପସନ୍ଦ କରିଥାଆନ୍ତି । ଦାଉନିନ୍ ହେଉ କିମ୍ବା ସାରା ଅଫିସ-ଲଞ୍ଚିଆନ ଲୋକମାନଙ୍କୁ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ବେଶି ଭଲ ଲାଗେ । ଆଜିକାଲିର ବ୍ୟବସ୍ତବିଜ୍ଞାରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସ୍ୱାଦିଷ୍ଟ ମସଲାଯୁକ୍ତ ଖାଦ୍ୟ ଖାଇବାରେ ନିଜକୁ ଅସମ୍ଭବ କରୁଛନ୍ତି । କିନ୍ତୁ ଆପଣ ଜାଣନ୍ତି କି ଅତ୍ୟଧିକ ତେଲିଆ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କିପରିକରି ପ୍ରମାଣିତ ହୋଇପାରେ ବେଳେବେଳେ ମସଲାଯୁକ୍ତ ଖାଦ୍ୟ ଠିକ ଅଛି, କିନ୍ତୁ ପ୍ରତିଦିନ ଏପରି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ପୁରୁଷ ମହିଳାମାନେ ଲୋଖେଲ କରିବା ସମୟରେ ନେଇ, ମସଲାର ମାତ୍ରା ସାମାନ୍ୟ ଅଧିକ ରଖିଥାଆନ୍ତି । ଚାହାଙ୍କପରେ ଖାଦ୍ୟ ସ୍ୱାଦିଷ୍ଟ ଲାଗେ, କିନ୍ତୁ ଏହା କରିବା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ । ତେଲରେ ଅଧିକ ପରିମାଣର ଲିପିଡ ଥାଏ, ଯାହା ଆମ ଶରୀର ପାଇଁ କ୍ଷତିକାରକ ହୋଇପାରେ । ଅଧିକ ତେଲିଆ ଖାଦ୍ୟ ଖାଇବା ଦ୍ୱାରା ହୃଦଘାତ ହେବାର ଆଶଙ୍କା କରିଥାଏ । ଏହା ବ୍ୟତୀତ ଲୋକଙ୍କଠାରେ ଜଳମ ପ୍ରକ୍ରିୟାରେ ସମସ୍ୟା ହେବାର ମଧ୍ୟ ଦେଖାଯାଏ । ଅତ୍ୟଧିକ ପରିମାଣର ତେଲ ଖାଇବା ଦ୍ୱାରା ପେଟ ବଳିବା, ଅମ୍ଳତା, ଗଳା, ମୋଟାପଣ, ଉଚ୍ଚ ରକ୍ତଚାପ, ଦୁଇ ରୋଗ, ଅଳ୍ପ ବୟସରେ ଦୁର୍ବଳତା ଭଳି ସମସ୍ୟା ସୃଷ୍ଟି ହୋଇଥାଏ । ଅଧିକ ତେଲ ଏବଂ ମସଲା ଖାଦ୍ୟ ଖାଇବା ଦ୍ୱାରା ମଧୁମେହ ଏବଂ କର୍କଟ ଭଳି ରୋଗ ହେବାର ଆଶଙ୍କା ଥାଏ । କଣେ ବ୍ୟକ୍ତି ଅତ୍ୟଧିକ ତେଲ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୋଇଯାଏ । ଏହି କାରଣରୁ, ବାନ୍ତି, ଝାଡ଼ା, ମୁଣ୍ଡ ଦୁଇଆଡ଼ ଭଳି ସମସ୍ୟା ଦେଖାଯାଏ । ତେଣୁ ଅଧିକ ତେଲିଆ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ବନ୍ଦ କରିବା ନିହାତି ଆବଶ୍ୟକ । ଏହାର ପ୍ରତିବିଧାନରେ, ଆପଣ ସବୁଜିତ ଖାଦ୍ୟ ଖାଇବା ଉଚିତ୍ । ବହାଳ ଖାଦ୍ୟ ଖାଇବା ପରିବର୍ତ୍ତେ ଘରେ ରାନ୍ଧାଯାଇଥିବା ସରଳ ଖାଦ୍ୟ ଖାଆନ୍ତୁ । ଏହା ବ୍ୟତୀତ ଭଲ ଭାବେ ବାଚିବାର କରନ୍ତୁ ଏବଂ ଅଧିକ ମସଲା ବାଦଦିଆ କରନ୍ତୁ ନାହିଁ ।

'ଚିକେନ କଟ୍‌ଲେଟ୍'

ଆବଶ୍ୟକ ସାମଗ୍ରୀ: ଚିକେନ କିମା, ପିଆଜ, ଲିଖା ଆଳୁ, କର୍ଣ୍ଣଫ୍ଲୋର, କଞ୍ଚା ଲଙ୍କା, ଅଦା ଓ ରସୁଣ ବଟା, ଗରମ ମସଲା, ଲଙ୍କା ଗୁଣ୍ଡ, ଜୀରା ଧନିଆ ପତ୍ର, ତେଲ ଓ ଲୁଣ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଡ଼େଇରେ ତେଲ ଗରମ କରି ବଟା ପିଆଜ ପକାନ୍ତୁ । ପିଆଜର ରଙ୍ଗ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ଏହାପରେ ଏଥିରେ ଚିକେନ କିମା, ଅଦା ଓ ରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ । କିଛି ସମୟ ପରେ ଏଥିରେ ଲଙ୍କା ଗୁଣ୍ଡ, ଲୁଣ ଓ ଗରମ ମସଲା ପକାଇ କିଛି ସମୟ ପାଇଁ ଗୋଟାଇ ଦିଅନ୍ତୁ । ଚିକେନ ଭଲ ଭାବେ ସିଝି ଗଲା ପରେ ଏହାକୁ ବୁଲିକୁ ଓଟାଇ ଦିଅନ୍ତୁ । ଏବେ ଗୋଟିଏ ପାତ୍ରରେ କର୍ଣ୍ଣଫ୍ଲୋର ଓ ଅଳ୍ପ ପାଣି ମିଶାଇ ଘୋଳ ପ୍ରସ୍ତୁତ କରନ୍ତୁ । ଅନ୍ୟ ଏକ ପାତ୍ରରେ ସିଝା ଆଳୁକୁ ଲୁଣ ଦେଇ ଚକଟି ପୂର୍ବ ପ୍ରସ୍ତୁତ ଚିକେନ ମିଶାନ୍ତୁ ।

ଏହି ମିଶ୍ରଣକୁ ଅଣ୍ଡାଘୋଳା ପରି ଗୋଲ ଗୋଲ କରି ତାହା ଦୁଇ ହାତରେ ଅଳ୍ପ ଚାପି କର୍ଣ୍ଣଫ୍ଲୋର ଘୋଳରେ ବୁଡ଼ାଇ ତେଲରେ ଭାଜନ୍ତୁ । ଘୋଳଟିକୁ ହାଲକା ରଙ୍ଗ ହେବା ପରେ ସେଗୁଡ଼ିକୁ ପ୍ଲେଟ୍‌କୁ କାଢ଼ି ଆଣନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା 'ଚିକେନ କଟ୍‌ଲେଟ୍' । ଏହାକୁ ସସ୍ ଜିମା ଚଟଣି ସହ ପରଷନ୍ତୁ ।



ଯଶଙ୍କ ସହ ନଜର ଆସିବେ କରୀନା

'କେଜିଏଫ୍ ଚାପ୍ଟର-୧' ଓ 'କେଜିଏଫ୍ ଚାପ୍ଟର-୨' ଭଳି ଫିଲ୍ମ କରିଆରେ ମନୋରଞ୍ଜନ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତା ୟଶ୍ । ଆଗକୁ ସେ ତାଙ୍କର ବହୁପ୍ରତିକ୍ଷୀତ ପ୍ରୋଜେକ୍ଟ 'ଟକ୍ସିକ୍'ରେ ନଜର ଆସିବେ । ଗତବର୍ଷ ଡିସେମ୍ବର ମାସରେ ଏହି ପ୍ରୋଜେକ୍ଟ ସମ୍ପର୍କରେ ସୂଚନା ଦେଇଥିଲେ ସେ । ଏବେ 'ଟକ୍ସିକ୍'ରେ ତାଙ୍କ ସହ କିଏ ସ୍କ୍ରିନ୍ ଶେୟାର କରିବେ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଆଗାମୀ କିଛି ଦିନ ମଧ୍ୟରେ ନିର୍ଦ୍ଦେଶକ ଗୀତୁ ମୋହନଦାସ ଏ ସମ୍ପର୍କରେ ଘୋଷଣା କରିପାରନ୍ତି । ଫିଲ୍ମର ଶୁଟିଂ କିଛି ସପ୍ତାହ ମଧ୍ୟରେ ଆରମ୍ଭ ହେବ । ଚର୍ଚ୍ଚିତ କରାଯାଉ ଏ ନେଇ ଆନୁଷ୍ଠାନିକ ଭାବେ ପ୍ରକାଶ କରିନାହାନ୍ତି, ତେବେ ନିକଟରେ ପ୍ରଶଂସକମାନଙ୍କ ସହିତ ଆଲୋଚନା ସମୟରେ ସେ ଏକ ବହୁତ ବଡ଼ ସାରୁଥି ଫିଲ୍ମର ଅଂଶବିଶେଷ ହେବାକୁ ଯାଉଥିବା ସୂଚନା ଦେଇଥିଲେ । କରୀନାଙ୍କ ସେହି ଇଙ୍ଗିତରୁ ସେ 'ଟକ୍ସିକ୍'ରେ ନଜର ଆସିବା ନେଇ ଆଲୋଚନା ଚାଲିଛି । ଯଦି ଏହି ଖବର ସତ ହୁଏ ତା'ହେଲେ ଏହି ଫିଲ୍ମ କରିଆରେ କରୀନା କପୁର ଫିଲ୍ମଜଗତରେ ଡେବ୍ୟୁ କରିବେ । କରୀନାଙ୍କ ପୂର୍ବରୁ 'ଟକ୍ସିକ୍'ରେ ଯଶଙ୍କ ବିପରୀତରେ ଅଭିନୟ କରିବା ଲାଗି ସାରା ସୁଲ୍ତାନା ଏବଂ ରାଧି ଖାନ୍ନାଙ୍କ ନାମ ଚର୍ଚ୍ଚା କରାଯାଉଥିଲା । ଆସନ୍ତାବର୍ଷ ଫିଲ୍ମଟି ରିଲିଜ୍ ହୋଇପାରେ । ସେପଟେ ଖୁର୍ଦ୍ଦଫ୍ରେଣ୍ଡ କଥା କହିବାକୁ ଗଲେ କରୀନାଙ୍କୁ ଆଗକୁ 'ବୁ'ରେ ଦେଖିବାକୁ ମିଳିବ । ସେଥିରେ ତାଙ୍କ ସହିତ ବରୁ ଓ କ୍ରିତି ସାନନ୍ ମଧ୍ୟ ଅଭିନୟ କରିଛନ୍ତି । ସେହିପରି ରୋହିତ ସେଟ୍ଟୀଙ୍କର 'ସିଂଘମ୍ ଏଗେନ୍'ରେ ମଧ୍ୟ ନଜର ଆସିବେ କରୀନା । ସେହି ଫିଲ୍ମରେ ତାଙ୍କ ସହିତ ଅକ୍ଷୟ ଦେବଗନ, ଅଜୟ କୁମାର, ରଣବୀର ସିଂହ, ଦୀପିକା ପାଦୁକୋନ୍ ପ୍ରମୁଖ ସ୍କ୍ରିନ୍ ଶେୟାର କରିବେ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୨୧ ମାର୍ଚ୍ଚ ୨୦୨୫

ଚିନ୍ମୟ ଚେତନା: 'ଲିକ୍'- ସେ କାଳର ଓ ଆଜିର !

ନିଜଟରେ ଶେଷ ହୋଇଥିବା ମାଟ୍ରିକ ପରୀକ୍ଷାରେ ଲଏ ହେଲା ଗୋଟିଏ ପ୍ରକାରର ରେକର୍ଡ଼ । ପରୀକ୍ଷା ପରିଚାଳନାରେ ଯେ କୌଣସି ବିଚ୍ୟୁତିକୁ ରୋକିବା ପାଇଁ ଏଥର ନିଆଯାଇଥିବା ବିଶେଷ ପଦକ୍ଷେପ ଯେମିତି କି ସି.ସି. କ୍ୟାମେରା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏ.ଆଇ.)ର ଉପଯୋଗ ସତ୍ତ୍ୱେ ପ୍ରାୟ ସବୁ ବିଷୟର ପ୍ରଶ୍ନପତ୍ର ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଯାଇଥିବା ଥିଲା ଏକ ଅଦ୍ଭୁତ ଘଟଣା । 'ବାପପୁଅ ରାତି ଅନିଦ୍ରା, ପୁଅରୁନା ପଙ୍କ ମେଲା' ଭଳି କଥା ଯାହା ! ପୂର୍ବରୁ ଆମ ରାଜ୍ୟରେ ପରୀକ୍ଷାଗୁଡ଼ିକରେ ହାଁ ହାଁ ଛେଡେ କୌଣସି ବିଷୟରେ କିମ୍ବା କୌଣସି ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣା ସୃଷ୍ଟି କରୁଥିଲା ସମ୍ବାଦପତ୍ରର ଶିରୋନାମା । ହେଲେ, ଆଜିର କଥା ସମ୍ପୂର୍ଣ୍ଣ ଅଲଗା । ଆଜି କୌଣସି ବିଷୟ ଯଦି ଲିକ୍ ହେବା କଥକୁଣ୍ଡ ବର୍ଦ୍ଧିଗଲା, ତେବେ ତାହା ସୃଷ୍ଟି କରୁଛି ସମ୍ମାନ; ଏଥର ଯେମିତି ଓଡ଼ିଆ ସାହିତ୍ୟ ବିଷୟଟି ସମ୍ମାନ ସୃଷ୍ଟି କରିବାର ସେହି ସୌଭାଗ୍ୟଟି ଲାଭ କରିପାରିଛି । ତେବେ ମନରେ ପ୍ରଶ୍ନ ଉଠୁଛି ଯେ ଓଡ଼ିଆ ବିଷୟଟି କେମିତି ଏହି ସର୍ବଗ୍ରାସୀ 'ଲିକ୍' ଙ୍କୁ ମୁଣ ଭିତରେ ଗୋଟିଏ ବ୍ୟତିକ୍ରମ ହୋଇ ଛିଡ଼ା ହୋଇ ପାରିଲା ? ତ'ଣ ନିଜର ମାତୃଭାଷାକୁ ସମ୍ମାନ କଣାଇବା ପାଇଁ ଓ ଏହାକୁ ବାବାଦୁବାବକୁ ଉର୍ଦ୍ଧ୍ୱରେ ରଖିବା ପାଇଁ 'ଲିକ୍' ସହ ସମ୍ପୃକ୍ତ ଅପରାଧୀମାନଙ୍କର ଏହା ଏକ ସଂଜ୍ଞ ବାସ୍ତବିକ ବିବେକବାନ ଚୋର ! ନିଜ ମାତୃଭାଷାକୁ କେମିତି ସମ୍ମାନ ଦିଆଯାଏ, ତାହା ଏମାନଙ୍କ ପାଖରୁ ଶିଖିବାର କଥା ! ତେବେ, କାରଣଟି ଯାହା ବି ହୋଇଥାଉ ନା କାହିଁକି ଫଳାଫଳଟି ଏୟା ଯେ ଓଡ଼ିଆ ବିଷୟଟି 'ଲିକ୍' ଛେଳେଙ୍କାରୀରେ କଳୁଷିତ ହୋଇନାହିଁ । ଏବେ ଆସିବା 'ଲିକ ?'ର ମୁଖ୍ୟ ପ୍ରସଙ୍ଗକୁ । ଅନେକ ବର୍ଷ ତଳେ 'ଲିକ୍' ଥିଲା ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ । ଜିଇବାର ପ୍ରତ୍ୟେକ ପର୍ଯ୍ୟାୟରେ ମଣିଷକୁ 'ଲିକ୍'ର ସାମନା ଆଉ ମୁକାବିଲା କରିବାକୁ ପଡୁଥିଲା । ପ୍ରଥମେ ଦେଖାଗୁ 'ଲିକ୍' ହେଉଥିବା ଜଳମଗୁଡ଼ିକର କଥା । ସ୍କୁଲରେ ସବୁ ପିଲାଙ୍କ ହାତରେ କାଳିର ବାଗ ତାଙ୍କ କଠିନ ପରିଶ୍ରମର ସନ୍ଧକ ହୋଇ ସାରା ଦିନ ଶୋଭା ପାଉଥିଲା । ସେମିତି ଫୁଟ୍ ?ବଲ୍ ଖେଳ ବେଳେ ସବୁ ଉତ୍ସାହକୁ ପାଣିରେ ପକେଇ ଦେଇ ହେଉଥିଲା ବଲ୍‌ରେ ଲିକ୍ । ଲିକ୍ ହେଲେ ବଲ୍ ?ରୁ ଧରି ପିଲାଏ ସାଇକେଲ ମରାମତି ଦୋକାନକୁ ଶୋଭାଯାତ୍ରା କରିବା ଥିଲା ଫୁଟ୍‌ବଲ୍ ଖେଳର ଏକ ନିୟମିତ ଅଂଶବିଶେଷ । ଶୋଭାଯାତ୍ରା ଏହି ଅର୍ଥରେ କୁହାଗଲା ଯେ ଯଦିଓ ଜଣେ କି ଦି ଜଣ ଖେଳାଳି ବଲ୍‌କୁ ମରାମତି କରିବାକୁ ଦୋକାନକୁ ଯାଇ ପାରନ୍ତେ, ଯାଉଥିଲେ ସମସ୍ତ ଖେଳାଳି; କାରଣ ସାଇକଲ ମିସ୍ତ୍ରି ଲିକ୍ ?ରେ ପ୍ୟାଚ ପକାଇବା ଦୃଶ୍ୟଟୁ ନିରେଖି ଦେଖିବା ଆଉ ମଜାବାର ମନ୍ତବ୍ୟମାନ ପରିବେଷଣ କରିବା ଏହି କାର୍ଯ୍ୟଟିର ଏକ ବିଶେଷ ଆକର୍ଷଣ । ସାଇକେଲ ମରାମତି ଦୋକାନରେ ବଲ୍ ଲିକ୍ ପ୍ୟାଚ୍ କାମଟି ପ୍ରାୟ ସବୁବେଳେ ଅଗ୍ରାଧିକାର ପାଉଥିଲା, ଏପରିକି ସାଇକେଲ ମରାମତି କରାଉଥିବା ବୟସ୍କମାନେ ମଧ୍ୟ ନିଜ କାମ ଅଧାରେ ରଖି ପିଲାଙ୍କ କାମ ଆଗେ କରି ଦେବାକୁ ଦୋକାନୀକୁ କହୁଥିଲେ; କାରଣ ପିଲାମାନେ ବଲ୍ ମରାମତି କରି ସନ୍ଧ୍ୟା ପୂର୍ବରୁ ଖେଳିବାକୁ କିଛି ସମୟ ପାଇବେ । ଫୁଟ୍ ?ବଲ୍ ବ୍ଲାଡର ଭଳି ସାଇକଲ ଟିଉବ୍ ? ଫଟ୍‌ଚ?ରେ ହୋଇଗଲେ ତା'ର ମରାମତି କରାଯାଇ ମଧ୍ୟ ସେତେବେଳେ ଏକ ନିତିଦିନିଆ ଘଟଣା ଥିଲା । ସାଇକେଲ ମାଲିକ ମରାମତି କାମର ପ୍ରତ୍ୟେକଟି ପର୍ଯ୍ୟାୟକୁ ଧ୍ୟାନ ପୂର୍ବକ ନିରୀକ୍ଷଣ କରୁଥିଲେ- ଟିଉବକୁ ପାଣି କୁଣ୍ଡରେ ବୁଡ଼ାଇ ମିସ୍ତ୍ରି ଲିକ୍ ଠାବ କରିବା, ଲିକ୍ ସ୍ଥାନଟିକୁ ବନ୍ଧୁର କରି ସେଥିରେ ସଲ୍ୟୁସନ କଲାଇବା, ସେ ସ୍ଥାନକୁ ଧୀରେ ଘୁଞ୍ଚିବା ଓ ପୁରୁଣା ଟିଉବ କାଟି ପ୍ୟାଚ୍ ? ଲଗେଇବା ଇତ୍ୟାଦି । ମଝିରେ ମଝିରେ ମିସ୍ତ୍ରିର କାମକୁ ବୁଲାବୁଲି କରିବା ପାଇଁ ଗ୍ରାହକ ତାଙ୍କୁ ପାନ ଯୋଗାଇଦେବା ଥିଲା ଏକ ବିଧି । ପୁଣି ରାସ୍ତା ଜଡ଼ରେ ପାଣି ପାଇପ୍ ? ଲିକ୍ ହେବା ଓ ସେଥିରୁ ପିଚକାରି ଭଳି ଅନବରତ ପାଣି ଛାଡିବା ଥିଲା ସାହି ଗଳିମାନଙ୍କରେ ଏକ ସାଧାରଣ ଦୃଶ୍ୟ । ତେଣୁ ଲିକ୍ ହେବା ଓ ସେଥିରେ ପ୍ୟାଚ ପକାଇ କାମ ଚଳାଇନେବା ଥିଲା ସେ ସମୟର ଜୀବନ ଦର୍ଶନ । ଧୀରେ ଧୀରେ କିନ୍ତୁ ଲିକ୍‌ର ଏହି ସ୍ୱରୂପରେ ପରିବର୍ତ୍ତନ ଆସିଛି । କୌଣସି ଜିନିଷ ଯଦି ଲିକ୍ କରୁଛି, ତେବେ ତାକୁ ମରାମତି ନ କରି ଫୋପାଡ଼ି ଦିଆଯାଇ ନୂଆଟିଏ ଖରିଦ କରାଯାଉଛି । ବର୍ଷ ବର୍ଷ ଧରି ଗୋଟିଏ ଜଳମରେ ଚଳେଇ ଆସିଥିବା ଛାତ୍ର ବର୍ଷରେ ଡଜନେ ସରିଗି ଡଟ୍ ପେନ ବ୍ୟବହାର କରୁଛି । ଫୁଟ୍ ?ବଲ୍ ଆଉ ଟାୟାର ଇତ୍ୟାଦି ଏମିତି ତିଆରି ହେଲାଣି ଯେ ସେଥିରେ ଲିକ୍ ହେବାର ସମ୍ଭାବନା ନାହିଁ । ଏବେ ଟିଉବ ଶୂନ୍ୟ ଟାୟାରର ଯୁଗ, ଯାହା ଜଟାଂ ଫୁଟିଗଲେ ବି ନରମ ନ ପଡ଼ି ତାକୁ ସମ୍ଭାଳି ନେବାର କ୍ଷମତା ରଖୁଛି । ବଜାରରୁ ଭଲେଭଗଲାଣି ମରାମତି ଦୋକାନ, ଆଉ ତା' ସାଥିରେ ବଳ ବାନ୍ଧି ବଲ୍ ମରାମତି କରିବାର ପିଲାଦିନର ସେ ଉତ୍ସବ । ଏହି ମଧୁର ସ୍ମୃତିକୁ ପଛରେ ପକାଇ ଏବେ କିନ୍ତୁ ଯେଉଁ ଲିକ୍ ସବୁ ହେଉଛି, ତାହା ପ୍ରଶ୍ନ ପତ୍ର ଲିକ୍ ଭଳି ମାରାତ୍ମକ ଲିକ୍ । ତା' ପଛରେ ରହୁଛି ଅପରାଧୀ ଗୋଷ୍ଠୀଙ୍କ ସମ୍ପୃକ୍ତି; ବିଚାର ଷଡ଼ଯନ୍ତ୍ର । ଅନ୍ୟ କାହାର ବ୍ୟାଙ୍କ ତଥ୍ୟକୁ ଲିକ୍ କରାଇ ତାକୁ ସର୍ବସ୍ୱାନ୍ତ କରିବା ଆଜି ନିତି ଦିନ ଘଟୁଛି । ସେମିତି କାହାର କାହାର ଭିଡିଓ ବା ଅଡିଓ ଲିକ୍ ? କରି ତାକୁ ବଦନାମ କରିବାର ଚେଷ୍ଟା ବି ହେଉଛି । ଆମ ନୈତିକ ମୂଲ୍ୟବୋଧରେ ଯେଉଁ ଲିକ୍ ଦେଖା ଦେଲାଣି ତାକୁ ମରାମତି କରିବାକୁ ସତେ ଯେମିତି କୌଣସି ପ୍ରଭାବୀ 'ସଲ୍ୟୁସନ' ଆଉ କୁଣ୍ଡଳୀ ମିସ୍ତ୍ରିଙ୍କର ଆଜି ଘୋର ଅଭାବ ।

ସତ କହୁଛି : ରୂପାନ୍ତର

ଜଣେ ମଧ୍ୟ-ବୟସ୍କା ମହିଳା କର୍କଟ ରୋଗରେ ଆକ୍ରାନ୍ତ ହୋଇ ଅନ୍ତିମ ପର୍ଯ୍ୟାୟରେ ଚିକିତ୍ସିତ ହେଉଥିଲେ । ଡାକ୍ତର ତାଙ୍କୁ ମାତ୍ର ତିନି ମାସର ସମୟ ଦେଇଥିଲେ । ମହିଳା ଜଣକ ଅତ୍ୟନ୍ତ ବ୍ୟଷ୍ତ ହୋଇପଡ଼ି ଠାକୁରଙ୍କୁ ପ୍ରାର୍ଥନା କରିବାକୁ ଆରମ୍ଭ କରିଦେଲେ । ଠାକୁର ପ୍ରୀତ ହୋଇ ତାଙ୍କୁ ଦର୍ଶନ ଦେଲେ ଓ ସେ ଆରୋଗ୍ୟ ଲାଭ କରି ଆହୁରି ତିରିଶ ବର୍ଷ ବଞ୍ଚିବେ ବୋଲି ପ୍ରତିଶ୍ରୁତି ଦେଲେ । ମହିଳା ଜଣକ ଠାକୁରଙ୍କୁଠୁ ଏ ଭଳି ପ୍ରତିଶ୍ରୁତି ପାଇ ଖୁସିରେ ନାଚି ଉଠିଲେ ଓ ତୁରନ୍ତ ତାଙ୍କର ସବୁ ଖିଷଧପତ୍ର ଫିଙ୍ଗିଦେଇ, ହସପିଟାଲ ପରିତ୍ୟାଗ କରି, ସିଧା ବିଭଟି ପାଇଲାକୁ ଚାଲିଲେ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବାମୀ ସ୍ୱାସ୍ଥିକ ସର୍ଜରି କଲେ, ସବୁ ଅଟାଂ, ଲମ୍ବା ବେଳ, ବଢଚକ ବାନ୍ଧ ଓ କଳା ମଟମଟ ନକଲି ବାଳରେ ନିଜର ଶରୀରକୁ ଆମୂଳଚୂଳ ପରିବର୍ତ୍ତନ କରିଦେଲେ । ବଜାରରୁ ବାମିକା ସିଲ୍ ?କ ଶାଢ଼ି, ହାଇହିଲ ସାଣ୍ଡଲ ଓ ଓଠରେ ବାମୀ ଲିପଷ୍ଟିକ ବୋଳି ନିଜର ସଂପୂର୍ଣ୍ଣ ରୂପାନ୍ତର କରିଦେଲେ । ଦିନକର କଥା । ମହିଳା ଜଣକ ବୁଥା ବୁଥା ଢଙ୍ଗରେ ଦେଶଭୂଷା ହୋଇ ରାସ୍ତାରେ ଯାଉଥିଲେ । ହଠାତ୍ ତାଙ୍କ ମୁଣ୍ଡ ଘୂରେଇ ହେବାରୁ ସେ ତଳେ ପଡ଼ିଯାଇ ତୁରନ୍ତ ମୃତ୍ୟୁବରଣ କଲେ । ସ୍ୱର୍ଗରେ ସହଚି ମହିଳା ଜଣକ ଭଗବାନଙ୍କ ନିକଟରେ ଫେରାଏ ହେଲେ- "ଆପଣ ତିରିଶ ବର୍ଷର ଗ୍ୟାରେଣ୍ଟି ଦେଇଥିଲେ, ଅଥଚ ମାସକ ଭିତରେ ମୋ'ର ମୃତ୍ୟୁ କେମିତି ହେଲା ?" ଭଗବାନ ଯମରାଜଙ୍କୁ ଅନାନ୍ତେ ସେ କହିଲେ- "ପ୍ରଭୁ କଥା ତ'ଣ କି, ମୁଁ ମ୍ୟାଡାମ୍‌କୁ ଚିହ୍ନି ପାରିଲି ନାହିଁ । ମୁଁ ଭାବିଲି ଆପଣ ହସ୍‌ପିଟାଲରେ ସାହାକୁ ଗ୍ୟାରେଣ୍ଟି ଦେଇଥିଲେ ଏ ଭଦ୍ର ମହିଳା ସେ ନୁହନ୍ତି ।" ବନ୍ଧୁଗଣ, ଉପରୋକ୍ତ କାହାଣିର କାହାଣୀର ନିଷ୍କର୍ଷ ହେଉଛି ଭଗବାନ ଜୀବନର ଗ୍ୟାରେଣ୍ଟି ଦେଇଛନ୍ତି ଅର୍ଥ ନୁହେଁ ଯେ ଆପଣ ସବୁ ବିଭିନ୍ନା ଛାଡ଼ି, ଖିଷଧପତ୍ର ଫୋପାଡ଼ି କେବଳ ଶରୀରର ରୂପାନ୍ତରରେ ଲାଗିଯିବେ । ବାର୍ଦ୍ଧକ୍ୟ ଜୀବନ ନିମନ୍ତେ ନିରୋଗ ଶରୀରର ପ୍ରାଥମିକତା ରହିଛି । ଏହାକୁ ପରିବର୍ତ୍ତାଗ କରି କେବଳ ପ୍ଲାଷ୍ଟିକ ସର୍ଜରି ଦ୍ୱାରା ଶରୀରର ରୂପାନ୍ତର କରିଦେଲେ ଆପଣ ଦୀର୍ଘଜୀବୀ କିମ୍ବା ଜୀବନ ହୋଇପାରିବେ ନାହିଁ । ଦୁଃଖର କଥା, ଆଜି ସମଗ୍ର ଭାରତବର୍ଷରେ ସବୁ କଥାରେ କେବଳ ଏହିପରି ରୂପାନ୍ତର କାର୍ଯ୍ୟ ଚାଲିଛି । ରୂପାନ୍ତର ହେଉ, କିନ୍ତୁ ରୂପାନ୍ତର କରିବା ସମୟରେ ଯାହାର ରୂପାନ୍ତର କରାଯାଉଛି, ତାହାର ପ୍ରାଥମିକତାକୁ ଭୁଲିଯାଇ କେବଳ ରୂପାନ୍ତରରେ ମାତିଗଲେ, ତାହା ଫଳପ୍ରଦ ହୋଇନଥାଏ । ଧରନ୍ତୁ ରେଳ ବିଭାଗ । ଭାରତ ସରକାରଙ୍କର ରେଳ ବିଭାଗର ପ୍ରାଥମିକ କାର୍ଯ୍ୟ କ'ଣ ? ସମୟାନୁବର୍ତ୍ତିତା, ପରିଚ୍ଛନ୍ନତା ଓ ସର୍ବନିମ୍ନ ଯାତାୟାତ ସୁବିଧା ସହ ସୁରକ୍ଷିତ ଆରାମଦାୟକ ଟ୍ରେନ ଯାତ୍ରା । ପ୍ରଥମେ ଏହି ଅତ୍ୟାବଶକ କଥାଗୁଡ଼ିକୁ ହାସଲ କରି ତା'ପରେ ଯାଇ ବିଭିନ୍ନ ଜାଜଜମକ କଥା ଚିନ୍ତା କରିବା ଉଚିତ । କିନ୍ତୁ ଆମେ ତା' ନ କରି ରୂପେଇ ଟ୍ରେନ, ବହୁଭାଷୀ ଇ-ଟିକେଟ, ହାଇସ୍ପିଡ୍ ଟ୍ରେନ କରିବର, ସାଟେଲାଇଟ୍ ଟ୍ରେନ ଟର୍ମିନାଲ, ଅଟୋମାଟିକ ଭେଣ୍ଡିଂ ମେସିନ, ନୋ ସ୍ମୋକିଂ ଲାଉଞ୍ଜ ଓ ବେବି ଫିଡିଙ୍ଗ ରୁମ୍ ବିଷୟ ସବୁ ଚିନ୍ତା କରୁଛେ । ଆଜ୍ଞା, ରାତି ଅଧରେ ଭୁବନେଶ୍ୱର ଷ୍ଟେସନରେ ଓହ୍ଲେଇ ପଡ଼ି ହାତରେ ଯଦି ବୁଲଟ ବ୍ୟାଗ ଅଛି, ତେବେ ଆପଣ ଲୁଆଡ଼େ ଯିବେ ଆଉ କେମିତି ଯିବେ ଜାଣିପାରିବେ ନାହିଁ । ଲୁଚିତିଏ ନାହିଁ ତ ଟ୍ରଲିତିଏ ନାହିଁ । ଅଟଟା ବାଲାଙ୍କ ଦୌରାତ୍ମ୍ୟ ଯୋଗୁଁ ଓଲା ଉବେର ଗାଡ଼ିମାନଙ୍କର ଷ୍ଟେସନ ଭିତରେ ପ୍ରବେଶ କରିବାର ସାହସ ନାହିଁ । ଅଥଚ ଆପଣ କହୁଛନ୍ତି କ'ଣ ନା ଆମେ ଏହାକୁ ବିଶ୍ୱସ୍ତରୀୟ କରିବାକୁ ଯାଉଛୁ ! ରେଳ ଜଗତ୍‌ରୁ ଖେଳ ଜଗତ୍‌କୁ ଆସନ୍ତୁ । ବର୍ତ୍ତମାନ ଜଳିଛି ଷ୍ଟାଡିଅମ ଦେଖୁଲେ ଆଖି ଝଲସି ଉଠୁଛି । ବାରବାଟୀ ଷ୍ଟାଡିଅମ କି ଏହିପରି ହେବାକୁ ଯାଉଛି । ଖେଳରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ଅଥଚ ବ୍ରିଜେଟ୍, ଫୁଟ୍‌ବଲ୍, ଭଲିବଲ୍, ବ୍ୟାଡ୍‌ମିଣ୍ଟନ ଓ ବଡ଼ାଡ଼ି ଖେଳରେ ଓଡ଼ିଶା ବହୁତ ପଛରେ ପଡ଼ିଛି । ଜାତୀୟ ବ୍ରିଜେଟ୍ ଟିମ୍‌ରେ ବର୍ତ୍ତମାନ ଜଣେ ବି ଓଡ଼ିଆ ଖେଳାଳି ନାହାନ୍ତି । ଆଥଲିଟମାନେ କୋଟି କୋଟି ଟଙ୍କାରେ ଖେଳାଳିମାନଙ୍କୁ ନେଇ କାରବାର ହେଉଛି, କିନ୍ତୁ ଓଡ଼ିଆ ଖେଳାଳିମାନଙ୍କ ନାଁ ଶୁଣାଯାଉନି । ଆଜି ପର୍ଯ୍ୟନ୍ତ ଜଣେ ହେଲେ ଓଡ଼ିଆ ବ୍ୟକ୍ତିଗତ ଅଲିମ୍ପିକ୍ ପଦକଟିଏ ପାଇ ନାହାନ୍ତି । ଜଣେ ଯିଏ ପାରା ଅଲିମ୍ପିକ୍‌ରେ ବାରମାର ବିଶ୍ୱ ବିଜେତା ହୋଇଛନ୍ତି, ସେ ଅନ୍ୟ ରାଜ୍ୟରେ ଖେଳିବା ପାଇଁ ମନ ବଳାଇଲେଣି । ଲିଜିଭୂମିର ଭବ୍ୟ ନବୀକରଣ କରାଯାଉ, କିନ୍ତୁ ତା' ସହିତ ଭଲ ଖେଳାଳିମାନଙ୍କୁ ସୃଷ୍ଟି କରାଯାଉ ଓ ଯେଉଁମାନେ ଭଲ ଖେଳୁଛନ୍ତି, ସେମାନଙ୍କୁ ଅଧିକ ଉତ୍ସାହିତ କରାଯାଉ । ନବେବ ଏହି ଲିଜିଭୂମିଗୁଡ଼ିକ ଆଗକୁ କ'ଣ କାମକୁ ଆସିବ ସଂକ୍ଷେପରେ କହିବାକୁ ଗଲେ ସବୁ ରୂପାନ୍ତରରେ ପ୍ରାଥମିକତାକୁ ଅଗ୍ରାଧିକାର ଦିଆଯାଉ । ସହରଗୁଡ଼ିକର ରୂପାନ୍ତର କରାଯାଉ, କିନ୍ତୁ ପ୍ରଥମେ ଏଗୁଡ଼ିକୁ ମଣା, ମାଛି, କୁକୁର ଓ ଷଣ୍ଢଙ୍କ ଦୌରାତ୍ମ୍ୟରୁ ରକ୍ଷା କରାଯାଉ । ଥାନାଗୁଡ଼ିକର ରୂପାନ୍ତର କରାଯାଉ, କିନ୍ତୁ ଚୋରି, ଡକାଏତି, ଉତ୍ୟା, ଧର୍ଷଣ ଓ ରାହାଜାନି ଇତ୍ୟାଦି ଅପରାଧରୁ ଜନସାଧାରଣଙ୍କୁ ରକ୍ଷା କରାଯାଉ । ସ୍କୁଲ ଘରଗୁଡ଼ିକୁ ରଙ୍ଗିନ କରାଯାଉ, କିନ୍ତୁ ସ୍କୁଲରେ ପିଲାମାନଙ୍କୁ ପୌଷ୍ଟିକ ଆହାର ସହିତ ଠିକ୍ ପାଠ ପଢ଼ାଯାଉ । ବନ୍ଧୁଗଣ, ଦେହ ଯାକ କାଳୁକୁତ୍ତିଆ ହେଉଥିବା ବେଳେ ଆପଣ ଯାଦୁ ମଲମ କିଣିବାକୁ ପଇସା ଖର୍ଚ୍ଚ କରିବେ ନା ମୁହଁରେ ସ୍ନୋ, ପାଉଡ଼ର ବୋଳି ମେଲ୍‌ଅପ୍‌ରେ ଖର୍ଚ୍ଚ କରିବେ ଯଦି ମେଲ୍‌ଅପ୍‌ରେ ସବୁ ପଇସା ଖର୍ଚ୍ଚ କରିଦେବେ, ତେବେ ଯାଦୁମଲମ ପାଇଁ ପଇସା ଆଣିବେ କେଉଁଠୁ ? ଆମ ମା' ପିଲା ବିନେ 'ସେରଣ୍ଡି' ନାମ୍ନୀ ବୁଢ଼ୀ କଥାଟିଏ କହୁଥିଲା । ବିନେ ସେରଣ୍ଡି ତା' ବାଣ୍ଡ ପୁଆର ଓଉଦ ଓଉଦ ବଣ ଚକ୍ଷିଆ ନୋଟ୍‌ଟେ ପାଇଲା । ସେତେବେଳେ ଦଶ ଟଙ୍କା ଭାହିଁରେ କ'ଣ ? ଗାଁରେ ଚୋର ଖଟ୍ ସବୁ ମାଡିଆନ୍ତି । ତେଣୁ ସେରଣ୍ଡି ବୁଢ଼ୀ ଦଶ ଟଙ୍କାକୁ ସୁରକ୍ଷିତ ରଖିବା ପାଇଁ ଜାଠ ବାକ୍ସଟିଏ କରିବାକୁ ଭାବିଲା । ଚାରି ଟଙ୍କା ଦେଇ ସାଣ୍ଡୁଆର ପଟା ଖଣ୍ଡେ ଆଣିଲା । ବଢ଼େଇକୁ ଡିନି ଟଙ୍କା ଦେଇ ବାକ୍ସଟିକୁ ତିଆରି କଲା । ରଙ୍ଗ ମିସ୍ତ୍ରୀକୁ ଚି'ଟଙ୍କା ଦେଇ ବାକ୍ସଟିକୁ ରଙ୍ଗିନ କରିଦେଲା । ଟଙ୍କାଟିଏ ଦେଇ ବଜାରରୁ ତାଲାଟିଏ କିଣି ଆଣିଲା । ଘୁମୁରିଆ ବାକ୍ସଟିକୁ ଦେଖି ସେରଣ୍ଡି ବୁଢ଼ୀ ଖୁସିରେ ନାଚି ଉଠିଲା । ହେଲେ ବାକ୍ସରେ ବୁଢ଼ୀ ରଖିବ କ'ଣ ?

ଏକକାଳୀନ ନିର୍ବାଚନ



ଏକକାଳୀନ ନିର୍ବାଚନ ଆରମ୍ଭ କରିବା ପାଇଁ ଲୋକସଭା ନିର୍ବାଚନ ବେଳକୁ ଯେଉଁ ରାଜ୍ୟମାନଙ୍କର ବିଧାନସଭାର କାର୍ଯ୍ୟକାଳ ସଂପୂର୍ଣ୍ଣ ହୋଇ ନ ଥିବ, ସେ ରାଜ୍ୟର କ୍ଷମତାସୀନ ଦଳକୁ ବାଲିଥିବା ଅବଧି ତ୍ୟାଗ କରିବାକୁ ହେବ, ଯେଉଁଥିପାଇଁ ଅଣ-ଏନ୍ ?ଡିଏ ବଜମାନେ ରାଜି ହେବା ସମ୍ଭାବନା କ୍ଷୀଣ । ଏଣୁ ନିଜଟ ଭବିଷ୍ୟତରେ କୋବିନ୍ଦ କମିଟି ରିପୋର୍ଟ କେବଳ ଏକ ବେ ?ଦିକ ବିତର୍କର ବିଷୟବସ୍ତୁ ହୋଇ ରହିବା ପ୍ରାୟ ନିଶ୍ଚିତ । ଗତ ଗୁରୁବାର ଦିନ ଦେଶରେ ସମସ୍ତ ତ୍ରି-ସ୍ତରୀୟ ନିର୍ବାଚନ ଏକ ସମୟରେ ଅନୁଷ୍ଠିତ କରାଯିବା ସମ୍ଭବପର ହେବ କି ନାହିଁ, ସେ ସମ୍ବନ୍ଧରେ ବିଭିନ୍ନିଷ୍ଟ ଅନୁଶୀଳନ କରି ମତାମତ ପ୍ରଦାନ କରିବା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ କ୍ଷମତାସଂପନ୍ନ କମିଟି ତା'ର ଦୀର୍ଘ ୧୮,୦୦୦ ପୃଷ୍ଠା ସମ୍ବଳିତ ରିପୋର୍ଟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହସ୍ତରେ ଅର୍ପଣ କରିଛି । ଏଥିରେ କମିଟିର ସମସ୍ତ ସଦସ୍ୟ ସର୍ବସମ୍ମତ ଭାବରେ ଏକକାଳୀନ ନିର୍ବାଚନ ଅନୁଷ୍ଠିତ କରାଯିବା ଚିନ୍ତାଧାରା ପ୍ରତି ସମର୍ଥନ ପ୍ରକାଶ କରିବା ସହିତ ଏହା ବାସ୍ତବରେ କିପରି କାର୍ଯ୍ୟକାରୀ କରାଯାଇ ପାରିବ, ସେ ସମ୍ବନ୍ଧରେ ମଧ୍ୟ ଦିଗ୍ ?ଦର୍ଶନ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକକାଳୀନ ନିର୍ବାଚନ ଅନୁଷ୍ଠିତ କରାଯିବା ପାଇଁ ଆହ୍ୱାନ ଦେବା ପରଠାରୁ ଏହାର ସପକ୍ଷରେ ?ର ଓ ବିପକ୍ଷରେ ବିଭିନ୍ନ ଯୁକ୍ତି ପ୍ରସାରିତ ହେବାରେ ଲାଗିଛି । କିନ୍ତୁ ଏହି ବିତର୍କ ଜାରି ରହିଥିବା ବେଳେ ଗୋଟିଏ କଥା ମନେ ରଖିବା ଉଚିତ ହେବ ଯେ ୧୯୫୨, ୧୯୫୭, ୧୯୬୨ ଓ ୧୯୬୭ରେ ଦେଶରେ ଯେଉଁ ପ୍ରଥମ ଚାରିଟି ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ସେଗୁଡ଼ିକ ଥିଲା ଏକକାଳୀନ ଶ୍ରେଣୀର, ଅର୍ଥାତ୍ ଏହି ଚାରିଥର ଯାକ ଦେଶରେ ଲୋକସଭା ଓ ରାଜ୍ୟ ବିଧାନସଭାମାନଙ୍କୁ ନିର୍ବାଚନ ଏକ ସମୟରେ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ସମୟରେ କେବେବି ରାଜ୍ୟରେ ବ୍ୟାପକ ଦଳବଦଳଜନିତ ରାଜନୈତିକ ଅସ୍ଥିରତା ଯୋଗୁଁ ଜଟଂ ପୂରିବା ପୂର୍ବରୁ ବିଧାନସଭା ଭାଙ୍ଗିଯାଇ ସେଠାରେ ସଅକ ନିର୍ବାଚନ ଅନୁଷ୍ଠିତ ହୋଇ ଏହି ଚାକମେଳରେ ଅନ୍ତ ପଡିଲା । କୋବିନ୍ଦ କମିଟି ବର୍ତ୍ତମାନ କରିଥିବା ସୁପାରିସ ପୂର୍ବର ସେଇ ଆଦର୍ଶ ଚାକମେଳ ଫେରାଇ ଆଣିବାକୁ ଉଦ୍ୟମ କରିଛି । ଦେଶରେ ଏକ ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ନୀତିଗତ ଉପକାରିତାମାନ ବେଶ୍ ପ୍ରଭାବଶାଳୀ ମନେ ହୋଇଥାଏ । ଉଦାହରଣ ସ୍ୱରୂପ ଏହା ଘଟିଲେ ଥରେ ନିର୍ବାଚନ ଗରୁର ସମାପ୍ତି ଘଟିବା ପରେ ରାଜନେତା ?ଙ୍କ ଦଳମାନେ ଆଉ ମତଦା ?ଙ୍କୁ ଆକର୍ଷିତ କରିବା ଆଶାରେ ବାରମ୍ବାର ନିଜର ନୀତିଗତ ଆଭିମୁଖ୍ୟରେ ପରିବର୍ତ୍ତନ ଘଟାଇବାରେ ପ୍ରବୃତ୍ତ ନ ହୋଇ ନିର୍ଦ୍ଧାରିତ ନୀତି, ପ୍ରତିଶ୍ରୁତି ଆଦିକୁ କାର୍ଯ୍ୟକାରୀ କରିବାରେ ମନ ଦେବେ । ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳ ଭିତ୍ତି ଯେ ହେଉଛି ନିର୍ବାଚନ, ଏହା ସତ କଥା । କିନ୍ତୁ ଏହା ମଧ୍ୟ ସତ ଯେ ଏହି ବ୍ୟବସ୍ଥାରେ ଜନମ ଶାସନ ପ୍ରତିଷ୍ଠା ହେଉଛି ନିର୍ବାଚନର ଲକ୍

ଖୋଦ୍ ସମ୍ବଲପୁର ଜିଲ୍ଲାପାଳ ମାନୁ ନାହାନ୍ତି ନିୟମ

ସମ୍ବଲପୁର,୨୦/୩(ନି/ପ୍): ହାଲ ସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍(ଏଚ୍‌ଏସଆରପି) ପ୍ରହସନ ପାଲଟି ଯାଇଛି । ଗାଡ଼ିକୁ ସହଜରେ ଚିହ୍ନଟ କରିବା ଉଦ୍ଦେଶ୍ୟରେ ୨୦୨୨ ମସିହାରେ ପରିବହନ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟରେ ଥିବା ସମସ୍ତ ପରିବହନ ବିଭାଗକୁ ଏଚ୍‌ଏସଆରପି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏପ୍ରିଲ ୨୦୧୯ ପୂର୍ବରୁ ସମସ୍ତ ଗାଡ଼ିରେ ଏଚ୍‌ଏସଆରପି ଲଗାଇବା ପାଇଁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଥିଲା । ଯାହାର ଶେଷ ସମୟ ସୀମା ୨୦୨୩ ଫେବୃଆରି ୨୮ ତାରିଖ ଥିଲା । ତାରିଖ ଶେଷ ହେଲା ପରେ ପରିବହନ ବିଭାଗ ପକ୍ଷରୁ ଚେତାବନୀ ବି ଜାରି ହେଲା । ଅନେକ ଗାଡ଼ିକୁ ଜରିମାନା ବି କରାଗଲା । ସେତିକିରେ କଥା ଶେଷ ହୋଇ ନଥିଲା । ଗତ ଜୁନ ୨୩ରୁ ଆରମ୍ଭ ସେସାଲ ଡ୍ରାଇଭ ବି କରାଗଲା । ଏସବୁ ଭୟରେ ଅଧିକାଂଶ ଲୋକ ନିଜର କାମଧନ୍ଦା ଛାଡ଼ି ଏଚ୍‌ଏସଆରପି ଲଗାଇଲେ । କିନ୍ତୁ କିଛି ଅମାନିଆ ଆଜି ବି ବେଧଡ଼କ ବିନା ଏଚ୍‌ଏସଆରପି ନୟରରେ ଗାଡ଼ି ଗଡ଼ାଉଥିବା ଦେଖିବାକୁ ମିଳିଛି । ସବୁଠାରୁ ଆଶ୍ଚର୍ଯ୍ୟ ଜନକ ଚିତ୍ର ସମ୍ବଲପୁରରେ ଦେଖିବାକୁ ମିଳିଛି । ଏଠି ଖୋଦକିଲ୍ଲାପାଳ ଅକ୍ଷୟ ସୁନୀଲ ଅସ୍ତ୍ରାଲ୍ ବ୍ୟବହାର କରୁଥିବା ଟ୍ୟାର୍ପିଓ (ଓଡି ୧୫ୟୁ ୩୦୮୮) ଗାଡ଼ିରେ ବି ଏଚ୍‌ଏସଆରପି ଲାଗିନାହିଁ । ପରିବହନ ବିଭାଗର ନିୟମକୁ ଜିଲ୍ଲାପାଳ ଏଠି ଉଲ୍ଲଙ୍ଘନ କରୁଛନ୍ତି । କିନ୍ତୁ ପରିବହନ ବିଭାଗ ସବୁ ଦେଖି ଅଣଦେଖା କରୁଛି । ଗୋଟିଏ ପଟେ ଏଚ୍‌ଏସଆରପି ନ ଲଗାଇଥିବାରୁ ୨୦୨୩ ଫେବୃଆରି ମାସର ପ୍ରଥମ ୨ ସପ୍ତାହରେ ରାଜ୍ୟରେ ପାଖାପାଖି ୩ ହଜାର ଗାଡ଼ିର ଚାଲାଣ କରାଯାଇଥିଲା । ୫ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକୁ ଜରିମାନା ବି କରାଯାଇଥିଲା । ସମ୍ବଲପୁରରେ ମଧ୍ୟ ଅନେକ ଗାଡ଼ିର ଜରିମାନା କରାଗଲା । ଏଠି ସାଧାରଣ ଲୋକଙ୍କ ଗାଡ଼ିରେ ଏଚ୍‌ଏସଆରପି ନ ଲାଗିଥିଲେ ଜରିମାନା କରାଯାଉଛି । ଅନ୍ୟପଟେ ଏଚ୍‌ଏସଆରପି ଲଗାଇବାର ସମୟସୀମା ଶେଷ ହେବାକୁ ଇତି ମଧ୍ୟରେ ବର୍ଷେ ହେବାକୁ ବସିଲାଣି । ତାପରେ ମଧ୍ୟ ସମ୍ବଲପୁର ଜିଲ୍ଲାପାଳଙ୍କ ଗାଡ଼ିରେ ତାହା ଲାଗି ପାଉନାହିଁ । ବଡ଼ ଅଧିକାରୀ ବୋଲି ପରିବହନ ବିଭାଗ ନିରବଦୃଷ୍ଟା ସାଜିଛି, ନା ଅଧିକାରୀଙ୍କ ଅଣଦେଖା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।

ବିଦ୍ୟୁତ୍ ଦେୟ ସଠିକ୍ ସମୟରେ ପୈଠ କରିବା ଗ୍ରାହକମାନଙ୍କ ନୈତିକ କର୍ତ୍ତବ୍ୟ ଏବଂ ଆଇନ ଅନୁମୋଦିତ

ସମ୍ବଲପୁର,୨୦/୩ (ନି/ପ୍): ଖାଦ୍ୟ, ଜଳ, ବାସଗୃହ ଏବଂ ଅମୁଜାନ ପରି ବିଦ୍ୟୁତ୍ ସରବରାହ ଆଧୁନିକ ସଭ୍ୟତାର ମେରୁଦଣ୍ଡ ଭାବେ ଏକ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରିଥାଏ ଓ ଓଡିଶାରେ, ବିଶେଷକରି ପଶ୍ଚିମ ଓଡିଶାରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସରୋଜାକରଣ କରାଯିବା ପରଠାରୁ ଲାଇସେନ୍ସ ପ୍ରାପ୍ତ ଟିପି ଓ୍ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ସ୍ମିଥ, ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଅନେକ ପଦକ୍ଷେପ ହାତକୁ ନେଇଛି ଏବଂ ଲକ୍ଷ ଲକ୍ଷ ଗ୍ରାହକଙ୍କ ସୁବିଧା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ବିଦ୍ୟୁତ୍ ଦେୟ ପୈଠ କରିବା କାର୍ଯ୍ୟକୁ ସୁବିଧାଜନକ କରିପାରିଛି ଏଥି ସହିତ ପଶ୍ଚିମ ଓଡ଼ିଶାର ବିଭିନ୍ନ କୋଣଅନୁକୋଣରେ କମ୍ପାନୀ ଗ୍ରାହକଙ୍କ ମଧ୍ୟରେ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବା ନେଇ ସଚେତନତା ସୃଷ୍ଟି କରିଆସୁଅଛି ଓ ଏହା ସତ୍ତ୍ୱ ମଧ୍ୟ ବିଭିନ୍ନ ଜିଲ୍ଲାରେ ସଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବାରେ ଅନିୟମିତତା ସାମ୍ନାକୁ ଆସୁଛି ଓ ବେଶୁ ନିୟମିତ ଭାବରେ ବିଦ୍ୟୁତ୍ ବିଲ୍ ପୈଠ କରି ମାନ୍ୟବର ଓଇଆରସିଙ୍କ ଦ୍ୱାରା ଘୋଷିତ ରିହାତି ଗୁଡିକୁ ଉପଭୋଗ କରିବା ପାଇଁ କମ୍ପାନୀ ତାର ସମସ୍ତ ଗ୍ରାହକଙ୍କୁ ନିବେଦନ କରୁଅଛି ଓ ବିଦ୍ୟୁତ୍ ଅଧିନିୟମ ୨୦୦୩ ର ଧାରା ୪୭ ଏବଂ ୫୬ ଅନୁଯାୟୀ ଉପଭୋକ୍ତା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଦ୍ୟୁତ୍ ବିଲ୍ ପୈଠ କରିବା ଆଇନ ସମ୍ମତ ଓ ବେଶୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବିଦ୍ୟୁତ୍ ବିଲ୍ ପୈଠ କରିବାରେ ବିଫଳ ହେଲେ ବିତରକ କମ୍ପାନୀକୁ ଉକ୍ତ ଗ୍ରାହକଙ୍କ ବିଦ୍ୟୁତ୍ ଯୋଗାଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଉପରୋକ୍ତ ଆଇନରେ ପ୍ରାବଧାନ ରହିଅଛି ଓ ଏଠାରେ ପ୍ରକାଶଥାଉ କି, ବିତରକ କମ୍ପାନୀ ରାଜ୍ୟ ଭାରପ୍ରାପ୍ତ ସଂସ୍ଥାଠାରୁ ବିଦ୍ୟୁତ୍ ଶକ୍ତି କ୍ରୟ କରିବା ପରେ ସରୋଜ, ବାଣିଜ୍ୟିକ, ଶିଳ୍ପ ଏବଂ କୃଷି ପରି ବିଭିନ୍ନ ପ୍ରକାରର ଗ୍ରାହକଙ୍କ ମଧ୍ୟରେ ପୁନଃ ବଂଟନ କରିଥାଏ ଓ କମ୍ପାନୀ କୃଷି କ୍ଷେତ୍ରକୁ ମାନ୍ୟବର ଓଇଆରସିଙ୍କ ନିୟମାବଳୀ ଅନୁଯାୟୀ ରିହାତି ପ୍ରଦାନ କରିଥାଏ । ବେଶୁ ବିଦ୍ୟୁତ୍ ବିଲ୍ ସଠିକ୍ ସମୟରେ ପୈଠ କରିବା ଗ୍ରାହକମାନଙ୍କ ନୈତିକ କର୍ତବ୍ୟ ଏବଂ ଆଇନ ସିଦ୍ଧ ବା ଆଇନ ଅନୁମୋଦିତ ଅଟେ ବୋଲି ମୁଖ୍ୟ କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ, ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରାଯାଇଛି ।

ମୌଳିକ ସୁବିଧା ଅପହଂଚ: ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ଚେତାବନୀ ଦେଲେ ଗ୍ରାମବାସୀ

ଗୁ.ଉଦୟଗିରି,୨୦/୩ (ନି/ପ୍): ଗଣତାନ୍ତ୍ରିକ ସରକାର ବିଭିନ୍ନ ଯୋଜନାରେ ତୃଣମୂଳ ସ୍ତରରେ ଲୋକମାନଙ୍କର ମୌଳିକ ସମସ୍ୟାର ସମାଧାନ କରିବା ସହିତ ଖୁସିର ବାର୍ତା ଦେଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାଳମାଳ ଯୋଜନା ଓ ପ୍ରକଳ୍ପମାନ ତିଆରି କରି ଜନସାଧାରଣଙ୍କୁ ସମସ୍ତ ସୁବିଧା ପହଂଚାଇବାରେ ପ୍ରୟାସ କରୁଛନ୍ତି । ହେଲେ ସ୍ୱାଧୀନତାର ୭୬ ବର୍ଷ ପୂର୍ତ୍ତି ହୋଇଥିଲେ ମଧ୍ୟ କନ୍ଧମାଳ ଜିଲ୍ଲାରେ ଅନେକ ଗାଁ ଗୁଡ଼ିକ ରହିଛି ଯେଉଁଠାରେ ସରକାରଙ୍କ ଯୋଜନା ପହଂଚିପାରିନି, ଯେଉଁଠାରେ ନା ଜଳ ଯୋଗାଣର ବ୍ୟବସ୍ଥା ଅଛି ନା ବିଦ୍ୟୁତ ସଂଯୋଗ ହୋଇପାରିଛି । ଅନ୍ଧକାରମୟ ଜୀବନ ଜାଳାଟିପାଟ କରୁଥିବାବେଳେ ଚୁଆଁ ପାଣିରେ ଶୋଷ ମେଂଟୁଛି । ଏପରି କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକର ଘୁମାମହା ଗ୍ରାମପଂଚାୟତ ଅନ୍ତର୍ଗତ ପାଟୁନବାଡି ଗ୍ରାମରେ ମୌଳିକ ସୁବିଧା ଅପହଂଚ । ପାଟୁନବାଡିରେ ୨୦୦ ପରିବାର ପାଇଁ ବିଜୁ ଗ୍ରାମୀଣ ଜ୍ୟୋତି ଯୋଜନା ସହିତ ବସୁଧା ଯୋଜନାରେ ଜଳଯୋଗାଣ ଅପହଂଚ । ଏହି ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ଅନେକ ଥର ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନ କର୍ଣ୍ଣପାତ କରୁନଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଦୀର୍ଘ ବର୍ଷ ଅପେକ୍ଷା କରିବା ସହିତ ବାରମ୍ବାର ପ୍ରଶାସନକୁ ଲିଖିତଭାବେ ଅବଗତ କରାଯାଇଥିଲେ ସୁଦ୍ଧା ଜୌଣସି ଫଳପ୍ରତ ହୋଇନଥିବାରୁ ଆଜି ପାଟୁନବାଡ଼ି ଗ୍ରାମବାସୀ ବୈଠକ କରି ପୁନର୍ବାର ପ୍ରଶାସନ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ଲିଖିତ ଅଭିଯୋଗ ପ୍ରେରଣା କରିବାକୁ ଆଲୋଚନା କରିଛନ୍ତି । ଏହି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।ମଣିଷ ଚନ୍ଦ୍ରଲୁଯାଇ କଳ ସନ୍ଧାନ କରିଲାଣି ଅଥଚ ପୃଥିବୀ ପୃଷ୍ଠରେ ରହୁଥିବା ଗରିବ ଅସହାୟଲୋକ ଆଜିବି ଟୋପାଏ ପିଇବା ପାଣି ପାଇଁ ଦୀର୍ଘ କିମି ଚାଲି ଚାଲି ଯାଇ ଝାଳ ବୁହେଇବାକୁ ପଡୁଛି । ୨୮-ଶରବଢ଼-ଫଞ୍ଜର କେନ୍ଦ୍ର ଏବଂ ରାଜ୍ୟ ସରକାର ଗରିବଙ୍କ ପାଇଁ ଏବଂ ଗାଁର ବିକାଶର ନାରା ଦେଉଥିବା ବେଳେ ଆଦିବାସୀ ଅଧୁଷିତ କନ୍ଧମାଳ ଜିଲ୍ଲାର ଗ୍ରାମାଂଚଳମାନଙ୍କରେ ବେଳେ ବିକାଶ ହୋଇଛି ଗ୍ରାମାଂଚଳର ଅଧିବାସୀ ଜିଲଜିଳ ଜୀବନ ଅତିବାହିତକରୁଛନ୍ତି ଥରେ ଗ୍ରାଉଣ୍ଡ ଜିରୋକୁ ଯାଇ ଦେଖିଲେ ଠିକ ବୁଝିହେବ ଯେ କିଭଳି ଆଜି ବି ଏହି ବିଜ୍ଞାନ ଯୁଗରେ ଏହି ଅଂଚଳର ଲୋକ ଜଙ୍ଗଲୀ ଜୀବନ ଯାପନ କରୁଛନ୍ତି । ଟୋପାଏ ବିଶୁଦ୍ଧ ପାନୀୟ ଜଳ ପାଇଁ ବହଳ ବିକଳ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ଅନ୍ତର୍ଗତ ଘୁମାମାହା ପଂଚାୟତର ପାଟୁନବାଡ଼ି ଗାଁରେ ।ପାହାଡିଆ ଗାଁ । ଅତି ସୁନ୍ଦର ପରିବେଶ । ସବୁଜ ବନାନୀ ପରିବେଶ ମଧ୍ୟରେ ଘୁମାମାହା ଂଚାୟତ ର ୬ଟଂ ୱାର୍ଡରେ ଅବସ୍ଥିତ ଏହି ଗାଁରେ ୧୧୦ଘରର ୫୦୦ରୁ ଊର୍ଦ୍ଧ୍ୱ ଜନଂଖ୍ୟା ।ଗ୍ରାମବାସୀଙ୍କ ଦୃଷ୍ଟି ପାନୀୟଜଳ । ଟୋପାଏ ପିଇବା ପାଣି ପାଇଁ ବହଳ ବିକଳ ହେଉଛନ୍ତି ଗ୍ରାମର ଆବାଳ ବୃଦ୍ଧବନିତା । ଗାଁଠାରୁ ଏକ କିମିରୁ ଊର୍ଦ୍ଧ୍ୱ ରାସ୍ତା ବିକମାଳ ଚାଲି ଚାଲି ଗଲେ ବିଲ ଭିତରେ ଥିବା ଏକ କୁଆ ରୁ ପାଣି ସଂଗ୍ରହ କରି ଆଣିଲେ ସମସ୍ତଙ୍କ ଶୋଷ ମେଂଟୁଛି । ଏହି ଗ୍ରାମ ନିମନ୍ତେ ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ଅର୍ଥ ବ୍ୟୟ ବରାଦ କରାଯାଇ ଓଭର ହେଡ ଟ୍ୟାଙ୍କ, ବୋରଓ୍ୱେଲ, ପାଇପ ଲାଇନ ବିଛା ଯିବା କାର୍ଯ୍ୟ କରାଯିବା

Mizoram State Lotteries
GOLDEN SONA
Draw 12:30 Noon | Draw Date 20.03.2024 | Draw Sr. 08
BUDH WEEKLY LOTTERY • Ticket M.R.P. Rs. 5/- • GOLDEN SONA BUDH WEEKLY LOTTERY

First Prize 10000/-	29547				
Second Prize 9000/-	12730	19300	26130	28351	29682
	57665	61315	75646	79983	85961
Third Prize 1000/-	09372	19176	19675	42875	52448
	53393	67248	67309	74036	78644
Forth Prize 450/-	1040	1085	1707	2371	4133
	5773	5893	7523	7541	8030
Fifth Prize 250/-	0725	1801	1900	2328	3048
	5321	5523	8984	9550	9613

Sixth (1000) Prize Rs. 120/-

0031	0697	1600	2676	3238	4422	5546	6882	7765	8920
0103	0959	1639	2680	3252	4616	5558	6923	7823	8953
0186	1025	1739	2754	3329	4665	5586	7031	7896	9163
0307	1072	2032	2823	3349	4769	5656	7062	7912	9328
0390	1094	2051	2850	3865	4847	5834	7109	8044	9517
0414	1157	2149	2857	3925	5334	5847	7212	8099	9561
0534	1350	2311	2864	3947	5350	5914	7248	8120	9601
0587	1443	2347	3000	4000	5380	6135	7513	8272	9764
0594	1461	2493	3163	4181	5361	6565	7536	8372	9841
0613	1505	2523	3213	4341	5371	6568	7744	8889	9880

Check Result with Govt. Official Gazzett. | Issued By : Mizoram State Lotteries.
https://youtube.com/c/GoldenLottery/

ତାଳପାଲିପଡା ରାମଙ୍କୀମନ୍ଦିରର ରନ୍‌ମୁଦ ଅନୁଷ୍ଠିତ

ବଲାଙ୍ଗିର,୨୦/୩ (ନି/ପ୍): ବଲାଙ୍ଗୀର ସହରର ୪ନମ୍ବର ୱାର୍ଡ ତାଳପାଲିପଡାରେ ବହୁବର୍ଷ ଅବହେଳିତ ହୋଇପଡିରହିଥିବା ମନ୍ଦିରର ପୁନଃନିର୍ମାଣ ଚାଲିଛି । ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ମନ୍ଦିରକାମ ଶେଷପର୍ଯ୍ୟାୟରେ ପହଂଚିଛି । ଆଜି ଏହାର ରନ୍‌ମଦ ସ୍ଥାପିତ ହୋଇଛି । ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ଆଜି ସୁନ୍ଦରାକାଣ୍ଡ ସହ ରନ୍‌ମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ହୋମଯଜ୍ଞ କରାଯାଇ ମନ୍ଦିରର ପବିତ୍ରତାସ କରାଯାଇଛି । ଗତକାଲି ସଂଧ୍ୟାରେ ପଡାର ମହିଳାମାନେ କଳସ ଶୋଭାଯାତ୍ରା କରି ପଡାପରିକ୍ରମା କରିଥିଲେ । ନିକଟସ୍ଥ ପୋଖରୀରୁ ଶୁଦ୍ଧଜଳ କଳସୀରେ ଆଣି ମନ୍ଦିରରେ ରଖାଯାଇଥିଲା ତାଳପାଲିପଡାର ଦେବାନନ୍ଦ ପଟେଲ ଓ ଜୟନ୍ତି ପଟେଲ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଅପରାଂଚ ସୁଶାନ୍ତ ମିଶ୍ର ପୂଜକ ରହିଥିବା ବେଳେ ଦୀପଙ୍କ ମିଶ୍ର ସୁନ୍ଦରାକାଣ୍ଡ ପାଠ କରିଥିଲେ । ଦୀପଙ୍କର ସମଧୁରକଣ୍ଠରେ ଉପସ୍ଥିତ ଭକ୍ତ ବିଭୋର ହୋଇଯାଇଥିଲା । ରନ୍‌ମୁଦ କାର୍ଯ୍ୟକ୍ରମରେ ବଲାଙ୍ଗୀର ରାଜପରିବାରର ସଦସ୍ୟ ତଥା ପୂର୍ବତନସାଂସଦ କଳିକେଶନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ସେହିପରି ପୌରାଧ୍ୟକ୍ଷ ଲିଜା ସାହୁ,ବିଜେଡିର ରାଜ୍ୟ ସଂପାଦକ ପ୍ରଦ୍ୟୁତ ମିଶ୍ର ମଧ୍ୟ ଯୋଗଦେଇଥିଲେ । ସେହିକ୍ରମରେ ତାଳପାଲିପଡାବାସୀଙ୍କ ଅନୁରୋଧ କ୍ରମେ ଏହି ରାମଙ୍କୀମନ୍ଦିର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଜନୁୟନପାଣ୍ଠିରୁ ୬ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇ କାମ ଚାଲିଛି । ପୌରପାଳିକା ପକ୍ଷରୁ ରାମଙ୍କୀ ସ୍ୱଶଂସହାୟିକା ଗୋଷ୍ଠୀ ଏହାର କାମ କରାଉଛନ୍ତି । ଆଜି ଏହାର ରନ୍‌ମୁଦ ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ତାଳପାଲିପଡାର ସମସ୍ତ ସ୍ୱଶଂସହାୟିକା ଗୋଷ୍ଠୀ ଯୋଗଦେଇଥିଲେ । ରନ୍‌ମୁଦ ପାଇଁ ସହରର ଶ୍ରଦ୍ଧାଳୁମାନେ ଧାନ,ଅଷ୍ଟଧାତୁ ଓ ସୁବର୍ଣ୍ଣାଦି ପ୍ରଦାନ କରିଥିଲେ । ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିରଉପରକୁ ଚଢି ରନ୍‌ମୁଦ ପକାଇଥିଲେ ।

ବାଇକ୍‌କୁ ଧକ୍କା ଦେଇ ପିଇଓଙ୍କଠାରୁ ୪ ଲକ୍ଷ ୬୪ ହଜାର ଲୁଟିନେଲେ ଦୁର୍ବୃତ୍ତ

ଜଂଟାବାଞ୍ଜି,୨୦/୩ (ନି/ପ୍): ବଲାଙ୍ଗୀର ଜିଲ୍ଲା ଜଂଟାବାଞ୍ଜି-ବଙ୍ଗୋମୁଣ୍ଡା ୪୨ ନମ୍ବର ରାଜ୍ୟ ରାଜପଥ ଦନ୍ଦରା ଠାରେ ଦିନ ଦ୍ୱିପ୍ରହରରେ ଚଳନ୍ତା ବାଇକକୁ ଧକ୍କା ଦେଇ ଓ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ୪ ଲକ୍ଷ ୬୪ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଲୁଟ୍‌ରା ଶିକାର ହୋଇଥିବା ବଙ୍ଗୋମୁଣ୍ଡା ଉଓ ସଦ୍ୟ ପିଏଲା ପୁଲିସ ନିକଟରେ ଏହି ଅଭିଯୋଗ କରିଛନ୍ତି । ବଙ୍ଗୋମୁଣ୍ଡା ଗ୍ରାମପଂଚାୟତର ପିଇଓ ଶ୍ରୀ ପିଏଲା ପୁଲିସକୁ କହିଛନ୍ତି, ଆଜି ସେ ନିଜର ସହଯୋଗୀ ଚିନ୍ତାମଣି ଗଣା ଏକ ବାଇକରେ ବଙ୍ଗୋମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ଭତା ଟଙ୍କା ଉଠାଇ ଜଂଟାବାଞ୍ଜିସ୍ଥିତ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ଅନ୍ୟ ଏକ ଗାଡ଼ିରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ । ଦୁର୍ବୃତ୍ତମାନେ ପ୍ରଥମେ ପିଇଓଙ୍କ ବାଇକକୁ ଧକ୍କା ଦେଇଥିଲେ । ଏହା ପରେ ମାରଣାସ୍ତ୍ର ଦେଖାଇ ବାଇକ୍‌ର ଚାବିକୁ ୪ ଲକ୍ଷ ୬୪ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଲୁଟ୍‌ରା ଶିକାର ହୋଇଥିବା ବଙ୍ଗୋମୁଣ୍ଡା ଉଓ ସଦ୍ୟ ପିଏଲା ପୁଲିସ ନିକଟରେ ଏହି ଅଭିଯୋଗ କରିଛନ୍ତି । ବେଳେ ଦୁର୍ବୃତ୍ତ ଧକ୍କାରେ ଉଭୟ ପିଇଓ ଶ୍ରୀ ପିଏଲା ଓ ତାଙ୍କ ସହଯୋଗୀ ଶ୍ରୀ ଗଣା ସାମାନ୍ୟ ଆହତ ହୋଇଛନ୍ତି । ସେମାନଙ୍କୁ ବଙ୍ଗୋମୁଣ୍ଡା ପ୍ରାଥମିକ ରେ ଭର୍ତ୍ତିହୋଇଛନ୍ତି । ବଙ୍ଗୋମୁଣ୍ଡା ପୁଲିସ ତଦନ୍ତ ଆରମ୍ଭ କରିଛି ।

ବଳିଙ୍ଗାଘାଟିରେ ପଡ଼ିଥିବା ତେଲ ଯୋଗୁଁ ଦୁର୍ଘଟଣାର ଶିକାର ହେଉଛନ୍ତି ବାଇକ୍ ଚାଳକ

ଗୁ.ଉଦୟଗିର,୨୦/୩ (ନି/ପ୍): ସ୍ଥାନୀୟ ଥାନା ଅନ୍ତର୍ଗତ କଳିଙ୍ଗା ଘାଟିରେ ଗତ ଦୁଇ ଦିନ ହେଲା ସିରିଜ ବାଇକ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳିଛି । କଳିଙ୍ଗାଘାଟିର ଏକ ବୁଲାଣିରେ ମଝି ରାସ୍ତାରେ ଜୌଣସି ଗାଡିରୁ ଅଏଲ ପଡି ରାସ୍ତାସାରା ପଡ଼ିଛି । ଫଳ ସ୍ୱରୂପ ରାସ୍ତାରେ ଗଲାବେଳେ ବାଇକ ଗୁଡିକ ଅଏଲ ପଡ଼ିଥିବା ସ୍ଥାନରେ ସ୍ଲିପ ହୋଇ ପଡି ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି । ଲଗାତାର ପ୍ରାୟ ଏହି ରାସ୍ତାରେ ଯାତାୟତ କରିଥିବା ବାଇକ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଦୁର୍ଘଟଣା ସମ୍ମୁଖୀନ ହୋଇ ରାସ୍ତାଜଡ଼ରେ ଠିଆହୋଇ ରାସ୍ତାରେ ଯାତାୟତ କରୁଥିବା ବାଇକ ଚାଳକଙ୍କୁ ଧୀରେଧୀରେ ଏଠି ଅଏଲ ପଡିଛି କହିବା ସତ୍ତ୍ୱ ବାଇକ ଚାଳକ ସେଇ ସ୍ଥାନରେ ଦୁର୍ଘଟଣାର ଶିକାର ହୋଇଥିବା ଦୃଶ୍ୟ କେମେରାରେ କଏଦ ହୋଇଥିବା ଦେଖିବାକୁ ମିଳିଛି । ବାଇକ ଗୁଡ଼ିକ ଏହି ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହେବାର ଲାଇଭ ଭିଡିଓ ଦେଖିବାକୁ ମିଳିଛି । ଏହାର ତୁରନ୍ତ ପ୍ରତିକାର କରିବାକୁ ସାଧାରଣରେ ଦାବି ହୋଇଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ଦାବି ହୋଇଛି ।



ନାଗାଗୁଡ଼ାରେ ଭାଲୁ ଆତଙ୍କ, ଲୋକେ ଭୟଭୀତ

ଝରିଗାଁ ,୨୦/୩ (ନି/ପ୍):ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଫୁଲୁଗାଁ ଂଚାୟତ ଅନ୍ତର୍ଗତ ନାଗାଗୁଡ଼ା ଗ୍ରାମରେ ଭାଲୁ ଆତଙ୍କ ଦେଖା

୪୨ତମ ଫାଲ୍ଗୁନ ମହୋତ୍ସବ ପାଇଁ ଶ୍ୟାମ ବାବାଙ୍କ ନିଶାନ ଯାତ୍ରା

ରାଉରକେଲା, ୨୦/୩ (ନି/ପ୍ର): ରାଉରକେଲାର ବିର୍ସା ଡାହାରର ଅବସ୍ଥିତ ଶ୍ୟାମ ମନ୍ଦିରର ୪୨ତମ ଫାଲ୍ଗୁନ ମହୋତ୍ସବକୁ ନେଇ ଆଜି ଟ୍ରାଫିକ୍ ଷ୍ଟେଟର ପଟ୍ଟ ମନ୍ଦିର ଠାରୁ ନିଶାନ୍ ଶୋଭାଯାତ୍ରା ବାହାରି ବିର୍ସା ଛକ ଦେଇ ମୁଖ୍ୟ ରାସ୍ତାର ମଧୁସୂଦନ ଛକ, ମୁଖ୍ୟ ମାର୍ଗ ଦେଇ ଯାଇଥିଲା । ଶ୍ୟାମ ନିଶାନ ଯାତ୍ରାରେ ୫୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଏହି ଯାତ୍ରାରେ ଭାଗ ନେଇଥିଲେ । ନାଲି ଚୁଡ଼ି ଏବଂ ନାଲି ରଙ୍ଗର ଶାଢି ପିନ୍ଧିଥିବା ସାବଳଶ ମହିଳା ଶ୍ୟାମ ବାବାଙ୍କ ରଥ ଆଗରେ ଅଗ୍ରସର ହେଉଥିଲେ ଏବଂ ଶ୍ୟାମ ଭକ୍ତମାନେ ସେମାନଙ୍କୁ ଅନୁସରଣ କରିଥିଲେ । ଶ୍ୟାମ ବାବାଙ୍କ ଚିତ୍ର ବହନ କରି ବିଭିନ୍ନ ଦେବତା ଏବଂ ଦେବୀଙ୍କ ପ୍ରତିମାକୁ ଏକ ଟ୍ରକିରେ ସଜାଇ ଶୋଭା ଯାତ୍ରାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସେଇଥିରେ ଭଗବାନ ଗଣେଶ, ଶିବ, ପାର୍ବତୀ ଭାରତ ମାତା ଏବଂ ଅନ୍ୟ ଦେବତା ଏବଂ ଦେବୀଙ୍କ ମୂର୍ତ୍ତି ଅନ୍ତର୍ଭୁକ୍ତ ହୋଇଥିଲା କୀର୍ତ୍ତନ ପାର୍ଟି ଏବଂ ଭଜନ ଗ୍ରୁପ ଢୋଲବାଦ୍ୟର ସହିତ ଏହି ବିଶାଳ ଶୋଭା ଯାତ୍ରାରେ ଡଙ୍କା ପାର୍ଟି ଅଂଶଗ୍ରହଣ କରିଥିଲା । ସ୍ଥାନୀୟ ଭଜନ ଗାୟକମାନେ ଶ୍ୟାମ ନିଶାନ ଯାତ୍ରା ବିଷୟରେ ନଗର ଭ୍ରମଣ ସମୟରେ ଶ୍ୟାମ ବାବାଙ୍କ ଭଜନ ଗାଇଥିବାବେଳେ ସହରର ବିଭିନ୍ନ ସଂଗଠନ ନିଶାନ ଯାତ୍ରା ଶୋଭାଯାତ୍ରାରେ ସର୍ବତ୍ର ଏବଂ ଫଳ ସ୍ନାକ୍ସ ଉତ୍ସବାଦି ବଣ୍ଟନ କରାଯାଇଥିଲା । ଏହି ନିଶାନ ଯାତ୍ରା ମଧ୍ୟାହ୍ନ ୨ଟାରୁ ଆରମ୍ଭ ହୋଇଥିଲା । ମୁଖ୍ୟ ରାସ୍ତା ଦେଇ ସନ୍ଧ୍ୟାରେ ଶ୍ୟାମ ମନ୍ଦିର ପରିସରରେ ପହଞ୍ଚି ଥିଲା । ଏହା ପରେ ସନ୍ଧ୍ୟାରେ ଶ୍ୟାମ ବାବାଙ୍କ ମନ୍ଦିର ପରିସରରେ ଝାଡଖଣ୍ଡର ଧାନବାଦରୁ ଆସିଥିବା ପରିତୋଷ ଏବଂ ମିନି ଜୀବଙ୍କ ସମେତ ସ୍ଥାନୀୟ ଭଜନ କଳାକାରଙ୍କ ଦ୍ୱାରା ଶ୍ୟାମ ବାବାଙ୍କ ଭଜନ ଗାନ କରାଯାଇଥିଲା । ଆଜି ଶ୍ୟାମ ଫାଲ୍ଗୁନ ମହୋତ୍ସବ ହୋଇଥିବାରୁ, ଶ୍ୟାମ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଶ୍ରୀ ଶ୍ୟାମ ବାବା ପୂଜାର୍ଚ୍ଚନା ସହିତ ମଧ୍ୟାହ୍ନରେ ପ୍ରସାଦ ସେବନ ଆୟୋଜିତ ହୋଇଥିଲା । ଶ୍ରୀ ଶ୍ୟାମ ବାବା ମନ୍ଦିର ପକ୍ଷରୁ ଅଧିକରୁ ଅଧିକ ଭକ୍ତଙ୍କୁ ଆସିବାକୁ ଅନୁରୋଧ କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଆଜି ନିଶାନ ଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା ।

ଗରିମା ଦ୍ୱାରା ଆୟୋଜିତ ହେଲା ପଖାଳ ଦିବସ

ରାଉରକେଲା, ୨୦/୩ (ନି/ପ୍ର): ଆଜି ପଖାଳ ଦିବସ। ଜଗନ୍ନାଥ ସଂସ୍କୃତି ଅନୁସାରେ ପରମ୍ପରାକୁ ମନେପକାଇ ଏହି ପଖାଳ ଦିବସକୁ ପାଳନ କରାଯାଇଅଛି । ରାଉରକେଲା ସହରର ଏକ ସାମାଜିକ ଓ ସାଂସ୍କୃତିକ ସଂଗଠନ ହେଉଛି 'ଗରିମା' ପରିବାର। ଗରିମା ପରିବାର ପକ୍ଷରୁ ବର୍ଷରେ ବିଭିନ୍ନ ପର୍ବପର୍ବାଣୀକୁ ପାଳନ କରାଯାଉଥିଲା ବେଳେ ଚକୁଧରୁ ପଖାଳ ଦିବସ ଅନ୍ୟତମ । ଆଜି ଏହି ଉପଲକ୍ଷେ ସେକ୍ଟର-୨ ସାହାନାଳ ମଷ୍ଟପ ଠାରେ ପଖାଳ ଦିବସ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ରାଉରକେଲା ଚେମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜର ସଭାପତି ତଥା 'ଗରିମା'ର ଉପଦେଷ୍ଟା ସୁନୀଲ କାୟଲ ଯୋଗଦେଇ କହିଥିଲେ ଯେ, ଓଡିଶାର ଜଗନ୍ନାଥ ସଂସ୍କୃତିରେ ପଖାଳର ମାହାତ୍ମ୍ୟ ବହୁତ କିଛି ରହିଛି । ପଖାଳର ମହତ୍ତ୍ୱ ସମ୍ପର୍କରେ ସମସ୍ତଙ୍କୁ ଜଣାଇବା ପାଇଁ 'ଗରିମା' ପରିବାର ପକ୍ଷରୁ ଏହି ପଖାଳ ଦିବସକୁ ପାଳନ କରାଯାଉଅଛି । ମଚ୍ଚ ପରିଚାଳନା କରିଥିଲେ 'ଗରିମା'ର ଅନ୍ୟତମ ଉପଦେଷ୍ଟା ଶଙ୍କର ଜେନା। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, 'ଗରିମା' ପରିବାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଭାବରେ ବର୍ଷରେ ପାଁଚଟି ସାଂସ୍କୃତିକ କାର୍ଯ୍ୟକ୍ରମ କରିଆସୁଛି । ଗରିମା ପରିବାରର ପଖାଳ ଦିବସ ଏ ବର୍ଷର ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ । ଜଗନ୍ନାଥ ସଂସ୍କୃତି ସହିତ ପଖାଳ ଅଂଗାଙ୍ଗୀ ଭାବରେ ଜଡିତ । ଏହି ଉପଲକ୍ଷେ ଅନ୍ୟାନ୍ୟ ଅତିଥିମାନେ ପଖାଳ ଦିବସର ମହତ୍ତ୍ୱ ସମ୍ପର୍କରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ । 'ଗରିମା' ପରିବାର ପକ୍ଷରୁ ଅତିଥିମାନଙ୍କୁ ପଖାଳ ସହିତ ସାଗ ଭଜା, ବଡିଚୂରା, ବାଇଗଣ ଭଜା, ସଜନା ଛୁଇଁ ଭଜା, ଆଳୁ ଭଜା, କଳରା ଭଜା, ମାଛ ଭଜା, ସାଲାର୍ଡ ଇତ୍ୟାଦି ପରିବେଷଣ କରାଯାଇଥିଲା । 'ଗରିମା' ପରିବାରର ସଭାନେତ୍ରୀ ତଥା ସାଇ ଭେଲି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ନାୟକ, ସମ୍ପାଦିକା ତଥା ଅଧ୍ୟାପିକା ସରିତା ମଲ୍ଲ, ଉପସଭାନେତ୍ରୀ ପ୍ରଣତୀ ଜେନାଙ୍କ ସମେତ ସବସ୍ୱୟା ଶଙ୍କରୀନା ପ୍ରଧାନ, ଶାନ୍ତିଲତା ବାରିକ୍, ଲୀନା ତ୍ରିପାଠୀ, ତପସ୍ୱିନୀ ପାତ୍ର, ନୀହାରିକା ବକ୍ସିଆ, ରଣ୍ଜିତା ଚୌଧୁରୀ, ରଣ୍ଜିତା ନାୟକ, ମମତା ଦାସ, ଶର୍ମିଲା ରାଜଗୁରୁ, ଲୁସୀ ଦାସ, ସମ୍ବିତା ମିଶ୍ର, ଶୁଭଲକ୍ଷ୍ମୀ ପାତ୍ର, ମିନତୀ ମୋଦି, ସବିତା ମହାପାତ୍ର ପ୍ରମୁଖ ଏହି ପଖାଳ ଦିବସରେ ଅଂଶଗ୍ରହଣ କରି ସମସ୍ତଙ୍କୁ ପଖାଳ ପରିବେଷଣ କରିଥିଲେ ।

ସଂକଳ୍ପର ସାମ୍ପ୍ରତିକ ଓଡ଼ିଆ ନାଟକ ଓ ମାନବିକ ମୁଲ୍ୟବୋଧ ଆଲୋଚନାଚକ୍ର

ନାଟକ ଏକ ଶିକ୍ଷଣୀୟ ମାଧ୍ୟମ ଓ ଆମକୁ ସଂସ୍କାରିତ କରିଛି

ରାଉରକେଲା, ୨୦/୩ (ନି/ପ୍ର): ନାଟକ ଏକ ଶିକ୍ଷଣୀୟ ମାଧ୍ୟମ ଓ ଏହା ଆମକୁ ସଂସ୍କାରିତ କରିଛି । ମାନବିକତା ଉବଯିପିତ ଥିବା ପର୍ଯ୍ୟନ୍ତ ମୂଲ୍ୟବୋଧ ବଢିଁ ରହିବ ବୋଲି ଆଲୋଚକ ମାନେ ମତପ୍ରକାଶ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତାରେ ସାଂସ୍କୃତିକ କଳା ପରିଷଦ 'ସଂକଳ୍ପ' ଦ୍ୱାରା ଆୟୋଜିତ ଆଲୋଚନାଚକ୍ର ସାମ୍ପ୍ରତିକ ଓଡ଼ିଆ ନାଟକ ଓ ମାନବିକ ମୁଲ୍ୟବୋଧ ରେ ଉପରୋକ୍ତ ମତ ପ୍ରକାଶ ପାଇଥିଲା । ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂକଳ୍ପ ର ସଭାପତି ଡ କିଶୋରୀ ବାଶ ଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ସରୋଜ ଚନ୍ଦ୍ର କବି ଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଆଲୋଚକଭାବେ ଡ ସମର ମୁଦାଲି ଓ ରାଜୀବ ପାଣି ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଅନୁଷ୍ଠାନର ଅଧକ୍ଷା ମଞ୍ଜୁ ମୁଖାର୍ଜୀ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଡାକ୍ତର ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ମଣିଷ ଜଣେ ଜଣେ ନାଟ୍ୟକାର ଓ ପୃଥିବୀର ଶ୍ରେଷ୍ଠ ନାଟ୍ୟକାର ସ୍ୱୟଂ ଭଗବାନ ତଥା ମାନବୀୟ ମୂଲ୍ୟବୋଧ ସବୁବେଳେ ଚିରଞ୍ଜିବୀ , ମାନବିକତା ଉବଯିପିତ ଥିବା ପର୍ଯ୍ୟନ୍ତ ମୂଲ୍ୟବୋଧ ବଢିଁ ରହିବ ବୋଲି ମତ ରଖିଥିଲେ । ଆଲୋଚକ ଡ ମୁଦାଲି ତାଙ୍କ ବକ୍ତବ୍ୟରେ ନାଟକ ଏକ ମନ ମୁଗ୍ଧକର ଚିତ୍ରଶାଳା, ନାଟକ ମନୋରଞ୍ଜନ ନୁହେଁ ଚିତରଞ୍ଜନ ହୋଇଥାଏ । ନାଟକରେ ନାଟ୍ୟକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ପିଲାଟିଏ ପ୍ରଥମେ ପରିବାର, ପରେ ସମାଜ ଓ ବିଦ୍ୟାଳୟ ଠାରୁ ଶିକ୍ଷା ଲାଭ କରି ସଂସ୍କାରିତ ହୋଇଥାଏ । ମଣିଷର ଭଲଗୁଣ କୁ ଅନ୍ୟ ଯେଉଁମାନେ ଗ୍ରହଣ କରନ୍ତି ତାହାହିଁ ମୂଲ୍ୟବୋଧ ବୋଲି ମତ ରଖିଥିଲେ । ଅନ୍ୟତମ ଆଲୋଚକ ଶ୍ରୀ ପାଣି ତାଙ୍କ ବକ୍ତବ୍ୟରେ କହିଲେ ଯେ ନାଟକ ଆମକୁ ସଂସ୍କାରିତ କରିଥାଏ । ଏହା ସହ ସେ ପ୍ରାପ୍ତି ଅପ୍ରାପ୍ତି, ଚିରନ୍ତନ ଦ୍ୱନ୍ଦ, ସଂସ୍କୃତି ବିପରି ଉପଭୋକ୍ତାଭାବ ରେ ପହଞ୍ଚିଛି ଓ ସମ୍ପ୍ରତି ନାଟକରେ ମୂଲ୍ୟବୋଧ ର ବିପରି ଅବକ୍ଷୟ ଘଟିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ସଭାପତିତ୍ୱ ଅଭିଭାଷଣ ରେ ଡ ଦାଶ ପ୍ରେମ ହେଉଛି ମୂଲ୍ୟବୋଧ ଓ ଦୟା, କ୍ଷମା, ଭଲପାଇବା ରହିଲେ ମାନବିକ ମୂଲ୍ୟବୋଧ ହୋଇଥାଏ ଯାହା ନାଟକରେ ରହିବା ଦରକାର ବୋଲି ମତ ରଖିଥିଲେ । ଏହି ଅବସରରେ ଶ୍ରୋତାଙ୍କ ମଧ୍ୟରେ ରାଜକୁମାର ମହାନ୍ତି ଓ ଶର୍ମିଷ୍ଠା କଳିଶତପଥୀ ଆଲୋଚ୍ୟ ବିଷୟ ସମ୍ପର୍କରେ ମତ ରଖିଥିଲେ । ବରିଷ୍ଠ କର୍ମକର୍ତ୍ତା ପ୍ରବୀର ମିଶ୍ର ଆଲୋଚନାଚକ୍ର ର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ପ୍ରାକ୍ ସୂଚନା ଦେବାସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବଶ୍ରୀ ଅକ୍ଷୟ ଧଳ,କୁଞ୍ଜବିହାରୀ ବୋଷ, ବିପ୍ରିରଞ୍ଜନ ବାରିକ, ପ୍ରିୟଦର୍ଶନ ରାଉତ , ବିବେକାନନ୍ଦ କୁଣ୍ଡୁ, ପ୍ରମିଳା ଜେନା , ରଶ୍ମି ରେଖା ଦାସ , ଅଞ୍ଜଳି ଜେନା, ବାସନ୍ତୀ ଦାସ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିବା ବେଳେ ଓ ଅନ୍ୟମାନଙ୍କ ମଧ୍ୟରେ ଗିରିଜା ଶଙ୍କର ଗୋସ୍ୱାମୀ, ଆଲୋକ ବୋଷ, ସତ୍ୟରଞ୍ଜନ ବେହେରା, ସତ୍ୟ ମିଶ୍ର, ଅଶୋକ ବଳ, ପ୍ରଫୁଲ୍ଲ ସେଠୀ, ପ୍ରଭାକର ପାତ୍ର,ଶରତ ଧଳ,ବୃଃ ସୁଶାନ୍ତ ପାଣି, ସୁରେନ୍ଦ୍ର ପାଢ଼ୀ, ପ୍ରଳୟ ଶତପଥୀ, ଅଶୋକ ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ନବଘନ ସାହୁ, ରାଧାମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

କାଳବୈଶାଖୀ ବର୍ଷା :

ରକ୍ତଭଣ୍ଡାରରେ ପଶିଲା ବର୍ଷା ପାଣି, କାର୍ଯ୍ୟ ବାଧାପ୍ରାପ୍ତ

ସୁନ୍ଦରଗଡ଼,୨୦/୩ : ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତଭଣ୍ଡାରରେ ପଶିଲା ବର୍ଷା ପାଣି । କାଳବୈଶାଖୀ ବର୍ଷା ଯୋଗୁଁ ରକ୍ତ ଭଣ୍ଡାରରେ ଅଧ ଫୁଟର ପାଣି ପଶି ଯାଇଥିଲା । ଆଜି ସକାଳୁ ରକ୍ତ ଭଣ୍ଡାର ଖୋଲା ହେଲା ପରେ ପାଣିକୁ ବାହାର କରାଯାଇଛି । ତେବେ ଅଳ୍ପ ବର୍ଷାରେ ଏଠାରେ ପାଣି ପଶି ଯାଇଥିବା ଅଭିଯୋଗ ହୋଇଛି । ଗତ ୩ ଦିନ ହେଲା ସୁନ୍ଦରଗଡ଼ ଜିଲ୍ଲାରେ କାଳ ବୈଶାଖୀ ପ୍ରଭାବରେ ବର୍ଷା ଲାଗି ରହିଛି । ଗତକାଲି ସଂଧ୍ୟାରୁ ବର୍ଷା ଲାଗି ରହିଥିଲା । ଫଳରେ ସହରର ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଥିବା ବେଳେ ରକ୍ତ ଭଣ୍ଡାରରେ ପାଣି ପଶିଯାଇଥିଲା । ପାଣି ଜମିଯିବା ଯୋଗୁଁ ରକ୍ତ ଭଣ୍ଡାରର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।

ଆରଏସପିର କାର୍ଯ୍ୟ ଓ ପ୍ରକଳ୍ପ ବିଭାଗର ୬୩ ଜଣ କର୍ମଚାରୀ ସାବାସ ପୁରସ୍କାର ଯୋଜନା ଅଧୀନରେ ପୁରସ୍କୃତ

ରାଉରକେଲା, ୨୦/୩ (ନି/ପ୍ର):ସେଲ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ଓ ପ୍ରକଳ୍ପ ବିଭାଗର ୬୩ ଜଣ କର୍ମଚାରୀଙ୍କୁ ସାବାସ ପୁରସ୍କାର ଯୋଜନା ଅଧୀନରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସଚିବାଳୟରେ ମାର୍ଚ୍ଚ ୧୩ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ ପୁରସ୍କାର ବିଜେତାଙ୍କ ଦ୍ୱାରା ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ପ୍ରବଳ ଅଭିନବ ପ୍ରୟାସ ଓ ଅବଦାନର ପ୍ରଶଂସା କରିଥିଲେ । ଏହି ଅବସରରେ ଆରଏସପିର ବିଭିନ୍ନ ୟୁନିଟ୍ ରେ କାର୍ଯ୍ୟରତ ୪୩ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ପୁରସ୍କାର ବିଜେତାମାନଙ୍କ ସଂପୃକ୍ତ ବିଭାଗର ସିଜିଏମ ଏବଂ ବିଭାଗମୁଖ୍ୟମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ନିର୍ବାହୀ ନିର୍ଦ୍ଦେଶକ ସଚିବାଳୟ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ରିଜି ଅଗ୍ରୱାଲ ସଂଯୋଜନା କରିଥିଲେ । ପ୍ରକଳ୍ପ ବିଭାଗରେ ମାର୍ଚ୍ଚ ୧୬ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ସର୍ବ ପ୍ରଥମ ସାବାସ ପୁରସ୍କାର କାର୍ଯ୍ୟକ୍ରମରେ କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ ।

ଆରଏସପିର ମ୍ୟାନେଜମେଣ୍ଟ- ଏକାଦଶ ଏବଂ ୟୁନିଅନ ଏକାଦଶ ମଧ୍ୟରେ ୟୁନିଟି କ୍ରିକେଟ୍ ମ୍ୟାଚ୍

ସହଭାଗିତା, ବନ୍ଧୁତ୍ୱଭାବ ଏବଂ ପ୍ରତିବଦ୍ଧତାର ନିଦର୍ଶନ

ରାଉରକେଲା, ୨୦/୩ (ନି/ପ୍ର) :ସେଲ ରାଉରକେଲା ଇସ୍ପାତ କାରଖାନା ର ମ୍ୟାନେଜମେଣ୍ଟ- ଏକାଦଶ ଏବଂ ୟୁନିଅନ ଏକାଦଶ ମଧ୍ୟରେ ମାର୍ଚ୍ଚ ୯ ତାରିଖ ଦିନ ଇଣ୍ଡୋ-ଜର୍ମାନ କ୍ଲବ ପଡିଆ ରେ ୟୁନିଟି କ୍ରିକେଟ୍ ମ୍ୟାଚ୍ - ୨୦୨୪ ଖେଳା ଯିବା ସହିତ ସମ୍ବଲ ଉତିହାସର ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି । ଆରଏସପିର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ମ୍ୟାନେଜମେଣ୍ଟ- ଏକାଦଶ ଦଳର ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଡି ଆଇ ସି ଶ୍ରୀ ଅନବୁ ଭୌମିକ ନେତୃତ୍ୱ ନେଇଥିବା ବେଳେ ୟୁନିଅନ ଏକାଦଶ ଦଳର ଅଧିନାୟକତ୍ୱ ସ୍ୱୀକୃତିପ୍ରାପ୍ତ ୟୁନିଅନ୍ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଶ୍ରୀ ପି କେ ବେହେରା ନେତୃତ୍ୱ ନେଇଥିଲେ । ମ୍ୟାନେଜମେଣ୍ଟ- ଏକାଦଶ ଚରଫମ୍ପରୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, ବିଭିନ୍ନ ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିଜ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ ଏବଂ ବରିଷ୍ଠ ଅଧିକାରୀମାନେ ଖେଳିଥିଲେ । ସେହିଭଳି ବିଭିନ୍ନ ପ୍ରମୁଖ ଟ୍ରେଡ ୟୁନିଅନ ଯଥା ରାଉରକେଲା ଶ୍ରମିକ ସଂଘ (ଆରଆଇକେଏସ), ଗାଙ୍ଗପୁର ମଜଦୁର ମଂ (ଜିଏମଏମ), ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେଏସ), ରାଉରକେଲା ମଜଦୁର ସଭା (ଆରଏମଏସ), ଇସ୍ପାତ କର୍ମଚାରୀ ଟ୍ରେଡ ୟୁନିଅନ (ଏସଇଟିୟୁ) ଏବଂ ରାଉରକେଲା ଷ୍ଟିଲ ମଜଦୁର ୟୁନିଅନ ଟ୍ରେଡ ୟୁନିଅନ ଏକାଦଶର ପ୍ରତିନିଧିତ୍ୱ କରିଥିଲେ । ତତ୍ପରି ଜିତି ୟୁନିଅନ୍-ଏକାଦଶ ବୋଲିଂ କରିବାକୁ ଚୟନ କରିଥିଲେ । ମ୍ୟାନେଜମେଣ୍ଟ-ଏକାଦଶ ନିର୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୭୪ ରନ ସ୍କୋର କରିଥିଲେ । ଶ୍ରୀ ଅବନୁ ଭୌମିକ୍ ୯ ଟି ବଲ୍ ଖେଳି ୧୦ ରନ୍ ସ୍କୋର କରି ଦଳର ଶ୍ରେଷ୍ଠ ସ୍କୋରର ଭାବରେ ଉଭା ହୋଇଥିଲେ । ଟ୍ରେଡ ୟୁନିଅନ୍ରୁ-ଏକାଦଶ ୫.୪ ଓଭରରେ ୩ ଟିଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଆର ଆଇ କେ ଏସ ର ସାଧାରଣ ସମ୍ପାଦକ ଶ୍ରୀ ହିମାଂଶୁ ବଳ ୧୦ ରନ୍ ସ୍କୋର କରିବା ସହିତ ୨ ଟି କ୍ୟାଚ୍ ନେଇ ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଶେଷରେ ଉଭୟ ଦଳ ଏବଂ ସମସ୍ତ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା ।ପିଏଲଓଡ଼ି ବିଭାଗର ଜିଏମ ଶ୍ରୀ ଏସ ବଡପଣ୍ଡା ମେନେଜମେ[ଏକାଦଶ ଦଳର ମ୍ୟାନେଜର ଥିବାବେଳେ କାର୍ମିକ ବିଭାଗର ଜିଏମ ଦଳର ପି କେ ସାହୁ ୟୁନିଅନ ଏକାଦଶର ମ୍ୟାନେଜର ଥିଲେ । ଏହି କାର୍ଯ୍ୟକ୍ରମ ଅଳମ ସ୍ପର୍ଶକାତର କରିବା, ଦଳର ଗତିଶୀଳତାକୁ ଦୃଢ କରିବା ଏବଂ ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାରେ ବିଗରେ ଏକତ୍ର ଖେଳିବାର ମହତ୍ତ୍ୱ କୁ ସୂଚିତ କରୁଛି । ସହଯୋଗୀ ପ୍ରୟାସ ନା କେବଳ ମନୋବଳ ଏବଂ ଜନୁତ ଯୋଗାଯୋଗରେ ବୃଦ୍ଧି ଆଣିଥାଏ ବରଂ ଏକ ସମନ୍ୱିତ ଦଳ ଗଠନ କରିବାରେ ମଧ୍ୟ ସହାୟକ ହୋଇଥାଏ ଯାହା ପରିଶେଷରେ କର୍ମକ୍ଷେତ୍ରରେ ଅଧିକ ସଫଳତା ସୁନିଶ୍ଚିତ କରିଥାଏ ।